# ଭୁବନେଶ୍ୱର ସିଟି



## ଆସ ବୁଲିଯିବା ଖଣ୍ଡଗିରି

# ଯେତିକି ସରୁଛି, ସେତିକି ଜମୁଛି



**ଭୁବନେଶ୍ୱର, ୨୫।୨ (ସମିସ):** ରାଜଧାନୀରେ ଜମୁଛି ଖଣ୍ଡଗିରି ଯାତ୍ରା ମହାକୁମ୍ଭ। ଦର୍ଶକଙ୍କ ମନୋରଞ୍ଜନ ପାଇଁ ଅଣ୍ଟା ଭିଡ଼ିଛନ୍ତି ଅପେରା ପାର୍ଟି। କେଉଁଠି ଝୁଲି ଝୁଲି ନୃତ୍ୟ ପ୍ରଦର୍ଶନ ହେଉଛି ତ ଆଉ କେଉଁଠି ଷ୍ଟେଜ ବ୍ଲାଷ୍ଟିଂ ଆଇଟମ ଡ୍ୟାନ୍ସ। ରେକର୍ଡ ଡ୍ୟାନ୍ସକୁ ଦମଦାର କରିବା ପାଇଁ ନୃତ୍ୟ ସଂଯୋଜକ ଏହିଭଳି ନୂଆ କଥା ସବୁ ଖଞ୍ଜି ଛନ୍ତି। ଖଣ୍ଡଗିରି ଯାତ୍ରା ମହାକୁମ୍ଭ ଅଷ୍ଟମ ରାତିରେ ପହଞ୍ଚିଥିବା ବେଳେ ୬ଟି ଅପେରା ପାର୍ଟି ଏକକାଳୀନ ନାଟକ ପରିବେଷଣ କରୁଛନ୍ତି। ଯାତ୍ରା ମହାକୁମ୍ଭ ଯେତିକି ଯେତିକି ସରି ସରି ଆସୁଛି ମେଳା ପରିସରରେ ଦର୍ଶକଙ୍କ ଭିଡ଼ ଓ ଲଢ଼େଇ ସେହିପାରିମାଣରେ ଜମିବାରେ ଲାଗିଛି। ସମସ୍ତ ପାର୍ଟିର କଳାକାର ପରସ୍ପରକୁ ମାତ୍ ଦେବାକୁ ସଜବାଜ ହୋଇ ମଇଦାନକୁ ଓହ୍ଲାଇଛନ୍ତି। ଅନ୍ତିମ ପର୍ଯ୍ୟାୟ ଲଢ଼େଇରେ ମା ମଙ୍ଗଳା ଯୁବ ପରିଷଦ ମଞ୍ଚରେ ସ୍ୱର୍ଣ୍ଣ ମହଲ 'କେତେ ଦୁଃଖ ଦବୁ ଦେରେ କାଳିଆ' ନାଟକ ରବିବାର ଦ୍ୱିତୀୟ ଥର ପାଇଁ ମଞ୍ଚସ୍ଥ କରାଯାଉଛି। ସୁବାସ, କାବେରୀ, ଅଜୁ, ଅପୁଙ୍କ ଅଭିନୟ ଓ ଖଳନାୟକ ଜ୍ଞାନଙ୍କ ଡାଇଲଗ୍‌ରେ ଜମୁଛି ପେଣ୍ଡାଲ ପରିସର। ଶନିବାର ଠାରୁ ହରେକୃଷ୍ଣ ମହତାବ ସାଂସ୍କୃତିକ ପରିଷଦ ପେଣ୍ଡାଲରେ ତୁଳସୀ ଗଣନାଟ୍ୟ 'ଅଧ ରାତିର ସାଥୀ' ନାଟକ ଦ୍ୱିତୀୟ ରାତିରେ ପୁନର୍ବାର ମଞ୍ଚସ୍ଥ ହୋଇଛି। ପୀୟୂଷ, ସୋନାଲି, ଜୁଲି, ମାମା, ଖିତିଶ ଏବଂ ବାସୁ ଓ ଗୁରିଆଙ୍କ କମେଡି ଦେଖିବାକୁ ମିଳିଛି। ସେପଟେ ଇନ୍ଦିରା ସାଂସ୍କୃତିକ ଯୁବ ପରିଷଦ ମଞ୍ଚରେ ଶିବାନୀ ଗଣନାଟ୍ୟ 'ଗାନ୍ଧୀ ଭୂମିକାରେ କହ୍ନେଇ ଦାସ' ନାଟକ ଦୁଇ ଦିନ ଧରି ହାଉସଫୁଲ ବେପାର କରିବା ପରେ ତୃତୀୟ ରାତିରେ ସେହି ନାଟକ ରିପିଟ୍ ହୋଇଛି। କାହ୍ନା-ଟିଙ୍କିଙ୍କ ଦମ୍‌ଦାର ଅଭିନୟ ଓ ଭିକାରୀଙ୍କ କମେଡି ବେଶ୍ ପ୍ରଶଂସା ସାଉଁଟିଛି। ସନାତନ ସେବା ସମିତି ପେଣ୍ଡାଲରେ ଅପେରା ସୂର୍ଯ୍ୟ ମନ୍ଦିର ଦ୍ୱିତୀୟ ରାତିରେ ମଧ୍ୟ ସମାନ ନାଟକ 'ମୁଁ ରାଜା ଝିଅ ତୁ ରିକ୍ସାବାଲା' ମଞ୍ଚସ୍ଥ କରିଛି। ବିନୋଦ-ବେବିନା ଯୋଡ଼ି, ଦୟା, ଜିନାଙ୍କ କମେଡି ଓ ଖଳନାୟକ ଚରିତ୍ରରେ ଟାହିଆଙ୍କ ଅଭିନୟ ଦର୍ଶକଙ୍କୁ ସାରା ରାତି ଅନିଦ୍ରା ରହିବାକୁ ବାଧ୍ୟ କରିଛି। ସେପଟେ ସାଇ ନୀଳାଦ୍ରି ଯାତ୍ରା କମିଟି ମଞ୍ଚରେ ରଙ୍ଗ ମହଲ ଲଗାତାର ଦ୍ୱିତୀୟ ରାତିରେ 'ଜହ୍ନରେ ତୋଳିବି ଘର' ନାଟକ ପରିବେଷଣ କରିଛି। ଜୟଦୁର୍ଗା ସାଂସ୍କୃତିକ ପରିଷଦ ମଞ୍ଚରେ 'କେତେ କାନ୍ଦିବୁରେ ଗୌରା ଦାସ' ନାଟକକୁ ନେଇ ଯାତ୍ରା ଲଢ଼େଇରେ ସାମିଲ ହୋଇଥିବା ସ୍ୱପ୍ନ ମହଲ ଦ୍ୱିତୀୟ ରାତିରେ ସେଇ ନାଟକ ମଞ୍ଚସ୍ଥ କରିଛି। ଗୌରା, ନମିତା, ସୁଇଟି, ରାଧା, ସାନ ସତ୍ୟଙ୍କ ଅଭିନୟ , ଖଳନାୟକ ଭୂମିକାରେ ବଡ଼ ସତ୍ୟ ଓ ନରି, ଦିନା ଓ ମାମୁନିଙ୍କ କମେଡି ଦେଖିବାକୁ ମିଳିଛି ।

## ଆଜିର କାହାଣୀ

ସନାତନ ସେବା ସମିତି ପେଣ୍ଡାଲରେ ଅପେରା ସୂର୍ଯ୍ୟ ମନ୍ଦିର ପକ୍ଷରୁ ଅରୁଣ ବାରିକଙ୍କ ରଚିତ ଓ ତାପସ ସ୍ୱାଇଁଙ୍କ ନିର୍ଦ୍ଦେଶିତ 'ତୁ ରାଜା ଝିଅ, ମୁଁ ରିକ୍ସା ବାଲା' ମଞ୍ଚସ୍ଥ କରାଯାଉଛି। ନାଟକର କାହାଣୀ ମୁତାବକ ରାଜ ପରିବାରର ଲୋକ ବିରୋଧୀ ପ୍ରଥାକୁ ଜଣେ ସାଧାରଣ ରିକ୍ସାବାଲା ବିରୋଧ କରୁଛି। ରିକ୍ସାବାଲାର ସାହସିକତାରେ ଆକୃଷ୍ଟ ହୋଇ ସେହି ରଜା ଘର ଝିଅ ତାକୁ ଭଲପାଉଛି । ଏଥିରେ ବିନୋଦଙ୍କୁ ରିକ୍ସାବାଲା ତଥା 'ରାଧେ' ଓ ବେବିନାଙ୍କୁ ରାଜା ଝିଅ ଚରିତ୍ରରେ ଦେଖିବାକୁ ମିଳିଛି। ବିନୋଦଙ୍କୁ ଡବଲ ରୋଲରେ ଦେଖିବାକୁ ମିଳିଛି । ରାଜା ଭୂମିକାରେ ବିରଞ୍ଚି ଓ ଟାହିଆ ତାଙ୍କ ପୁଅ ଭୂମିକାରେ ନଜରକୁ ଆସିଛନ୍ତି। ପୁରାତନ କାଳରେ ରାଜକୀୟ ପ୍ରଥା ଓ ସେମାନଙ୍କ ଅହଙ୍କାର ବିରୋଧରେ ଲଢ଼େଇ କରୁଛନ୍ତି ବିନୋଦ। ବିନୋଦଙ୍କ ଏଭଳି ସାହସିକତା ଦେଖି ରଜା ଝିଅ ବେବିନା ତାଙ୍କ ପ୍ରେମରେ ପଡ଼ିଛନ୍ତି। ହେଲେ ଦୁହିଁଙ୍କ ପ୍ରେମକୁ ରାଜ ପରିବାର ଗ୍ରହଣ କରିପାରୁନାହିଁ। ବେବିନାଙ୍କ ଭାଇ ଟାହିଆ ରାଜ ଉଆସ ଭିତରେ ବିନୋଦଙ୍କୁ ହତ୍ୟା କରୁଛନ୍ତି। ପ୍ରେମିକର ମୃତ୍ୟୁରେ ପାଗଳ ହୋଇଯାଉଛି ପ୍ରେମିକା । ହେଲେ ସେହି ସମୟରେ ପିଲାବେଳୁ ହଜି ଯାଇଥିବା ବିନୋଦଙ୍କ ଯାଁଳା ଭାଇଙ୍କର ଏଣ୍ଟ୍ରି ହେଉଛି । ବେବିନା ତାଙ୍କୁ ନିଜ ପ୍ରେମିକ ଭାବୁଥିବା ବେଳେ ସେ ଏହାକୁ ପ୍ରତ୍ୟାଖ୍ୟାନ କରୁଛନ୍ତି। ସେପଟେ ରାଜା ବିରଞ୍ଚି ଝିଅକୁ ସୁସ୍ଥ କରିବା ଲାଗି ବିଭିନ୍ନ ଚିକିତ୍ସା କରି ମଧ୍ୟ ବିଫଳ ହେଉଛନ୍ତି। ଏତିକିବେଳେ ପ୍ରେମିକ ଫେରିଲେ କିମ୍ବା ଯେଉଁ ଘଟଣାରୁ ସେ ପାଗଳି ହୋଇଛନ୍ତି ସେହି ଘଟଣାର ପୁନରାବୃତ୍ତି ହେଲେ ବେବିନା ସୁସ୍ଥ ହୋଇଯିବେ ବୋଲି ଡାକ୍ତର ପରାମର୍ଶ ଦେଉଛନ୍ତି। ବିରଞ୍ଚି ନିଜ ଝିଅକୁ ଭଲ କରିବା ପାଇଁ ବିନୋଦଙ୍କ ଯାଁଳା ଭାଇଙ୍କୁ 'ରାଧେ' ର ଅଭିନୟ କରିବାକୁ ମନାଇବାରୁ ସେ ରାଜି ହେଉଛନ୍ତି । ହେଲେ 'ତୁମେ ମୋ ରାଧେ ନୁହଁ' କହି ବେବିନା ତାଙ୍କୁ ସ୍ୱୀକାର କରୁନାହାନ୍ତି। ଘଟଣାର ପୁନରାବୃତ୍ତି ପାଇଁ ରଜା ବିରଞ୍ଚି ର । ଜ ଉଆସରେ ପୁଣି ବିନୋଦଙ୍କ ଯାଁଳା ଭାଇଙ୍କୁ ହତ୍ୟା କରିବାର ଅଭିନୟ କରୁଛନ୍ତି । ସେହି ସମୟରେ ପାଗଳୀ ବେବିନା ସୁସ୍ଥ ହୋଇ ବିନୋଦଙ୍କ ଯାଁଳା ଭାଇଙ୍କୁ ବିବାହ କରୁଛନ୍ତି। ହେଲେ ରାଜ ପରିବାରର ଝିଅ ଗୋଟେ ଗରିବ ଲୋକକୁ ବିବାହ କରିଛି ଭାବି ବେବିନାଙ୍କ ଭାଇ ଟାହିଆ ଏହି ସମ୍ପର୍କକୁ ଗ୍ରହଣ କରି ପାରୁନାହାଁନ୍ତି। ସେ ବିନୋଦଙ୍କ ଯାଁଳା ଭାଇଙ୍କୁ ମାରିବାକୁ ଯାଉଥିବା ବେଳେ ଝିଅର ଖୁସି ପାଇଁ ବାପା ବିରଞ୍ଚି ତାଙ୍କ ନିଜ ପୁଅ ଟାହିଆଙ୍କୁ ହତ୍ୟା କରିଛନ୍ତି। ଏଭଳି ଏକ ଭିନ୍ନ ସ୍ୱାଦର କାହାଣୀ ଦେଖି ଦର୍ଶକଙ୍କ ଆଖି ଲୁହରେ ଭିଜିଛି। ତୃତୀୟ ରାତିରେ ମଧ୍ୟ ଦର୍ଶକମାନଙ୍କୁ ପେଣ୍ଡାଲରେ ରାତି ବିତାଇବାକୁ ବାଧ କରିଛି।



# ଯାତ୍ରା କଳାକାର ସମ୍ମାନ ଉତ୍ସବ



**ଭୁବନେଶ୍ୱର, ୨୫।୨(ସମିସ):** ରବିବାର ଉତ୍କଳ ରଙ୍ଗମଞ୍ଚରେ ଓଜେଏଲ୍ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ 'ଷଷ୍ଠ ଓଜେଏଲ୍ ଯାତ୍ରା କଳାକାର ସମ୍ମାନ' ଉତ୍ସବ ଅନୁଷ୍ଠିତ ହୋଇସାରିଛି। ଏଥିରେ କିଶୋର ଖଣ୍ଡୁଆଳଙ୍କୁ ଶ୍ରେଷ୍ଠ ନିର୍ଦ୍ଦେଶକ ଓ ସନ୍ତୋଷ ଦାସ ପଲେଇଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ ପ୍ରଦାନ କରାଯାଇଛି। ଗୀତିକାର ଭାବେ ଅରୁଣ ମନ୍ତ୍ରୀ, ସଙ୍ଗୀତ ନିର୍ଦ୍ଦେଶକ ଭାବେ କୃପାସିନ୍ଧୁ ବେହେରା (ଏକନ) ଓ କୋଣାର୍କ ଗଣନାଟ୍ୟର ଜିତେନ୍ଦ୍ରିୟ ଦାସ, ଦୁର୍ଗା ମନ୍ଦିରର ରୁଦ୍ର ପ୍ରସାଦ ମିଶ୍ରଙ୍କୁ ଶ୍ରେଷ୍ଠ ନାୟକ ଭାବେ ସମ୍ମାନିତ କରାଯାଇଥିଲା। କୋଣାର୍କ ଗଣନାଟ୍ୟର ଜଗନ୍ନାଥ ମହାପାତ୍ର ଶ୍ରେଷ୍ଠ ଖଳନାୟକ, ରାଜଧାନୀ ଅପେରାର ମନୋଜ ବରାଳ ଖଳ ଚରିତ୍ର(ପୁରୁଷ), ଶିବାନୀ ଗଣନାଟ୍ୟର ରୂପାଲି ଶତପଥୀ ଖଳ ଚରିତ୍ର (ମହିଳା), ଚରିତ୍ର ଅଭିନେତା ଭାବେ ଓଁ ଶ୍ରୀ ବାଘାଯତୀନ ଲୋକନାଟ୍ୟର ବିଜୟ କର, ଚରିତ୍ର ଅଭିନେତ୍ରୀ ଭାବେ ଚକ୍‌ଲେଟ ରଙ୍ଗମଞ୍ଚର ଜୟନ୍ତୀ ପରିଡ଼ା, ତପସ୍ୟା ରଙ୍ଗମଞ୍ଚର ଶିବରାମ ନାୟକଙ୍କୁ ନବାଗତ ନାୟକ, ବିଶ୍ୱ ଦରବାରର ସରୋଜ ମହାପାତ୍ରଙ୍କୁ ଶ୍ରେଷ୍ଠ ବାପା, ତୁଳସୀ ଗଣନାଟ୍ୟର ଇଜି ସ୍ୱାଇଁ (କାଳୀ) ଶ୍ରେଷ୍ଠ ମାଆ, ରଙ୍ଗମହଲର କମଳିନୀ ଦାସଙ୍କୁ ହାସ୍ୟ ଅଭିନେତ୍ରୀ, ସୂର୍ଯ୍ୟମନ୍ଦିରର ଚନ୍ଦନ ବେହେରାଙ୍କୁ ନୃତ୍ୟ ନିର୍ଦ୍ଦେଶକ, ନୃତ୍ୟ ଦଳ ଭାବେ ସୂର୍ଯ୍ୟମନ୍ଦିର, ପ୍ରଚ୍ଛଦପଟ ଗାୟିକା ଭାବେ ଇନ୍ଦ୍ର ଭୁବନର ପ୍ରମିଳା ବାରିକ, ପାର୍ବତୀ ଗଣନାଟ୍ୟର ଉମାକାନ୍ତ ମଲ୍ଲିକଙ୍କୁ ଉପସ୍ଥାପକ, ଧଉଳି ଗଣନାଟ୍ୟର କ୍ରିଷ୍ଣା ରାଉତଙ୍କୁ ଉପସ୍ଥାପିକା, ବିଭୂତି ଭୂଷଣ ସାହୁଙ୍କୁ ଶବ୍ଦ ସଂଯୋଜନା, ଦୁର୍ଯ୍ୟୋଧନ ଦାସଙ୍କୁ ଆଲୋକ ପରିଚାଳନା ଭାବେ ସମ୍ମାନିତ କରାଯାଇଛି। ଅନୁଷ୍ଠାନର ସଭାପତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ସ୍ଥପତି ଶିଳ୍ପୀ ଗୁରୁ ପଦ୍ମଶ୍ରୀ ପ୍ରଭାକର ମହାରଣା, ସମ୍ମାନିତ ଅତିଥି ଭାବେ ଏକାମ୍ର ନାଟ୍ୟମଞ୍ଚ ଭୁବନେଶ୍ୱରର ଅଧ୍ୟକ୍ଷ ଓ ନିର୍ଦ୍ଦେଶକ ନିମାଇଁ ଲେଙ୍କା, ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ପବିତ୍ର ପଟ୍ଟନାୟକ ଓ କଳାକାର କଲ୍ୟାଣ ସମିତିର ଆବାହକ ପ୍ରଣୟରଞ୍ଜନ ମହାନ୍ତି (ଲିଟୁ), ଓଜେଏଲ୍ ଚାରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷ କାର୍ତ୍ତିକ ସ୍ୱାଇଁ ଓ ସମ୍ପାଦକ ସଂଜୀବ ସାମଲ ସଭାରେ ମଞ୍ଚାସୀନ ହୋଇ ସମ୍ମାନ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଉମେଶ ଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ଅମୂଲ୍ୟ ମଲ୍ଲିକ, ମୁଖପାତ୍ର ଚିନ୍ମୟ ମିଶ୍ର, ଉପଦେଷ୍ଟା ମାନସ ବାରିକ, ଆଇନ ପରାମର୍ଶଦାତା ପ୍ରବୋଧ ରାଉତରାୟ ମଞ୍ଚରେ ଉପସ୍ଥିତ ଥିଲେ। ଓଜେଏଲର ସଞ୍ଜୟ ନାୟକ, ମଣ୍ଟୁ ଲେଙ୍କା, ସତୀଶ ବିଶ୍ୱାଳ, ଆଶିଷ ବରାଳ, ଶଶାଙ୍କ ପାଣିଗ୍ରାହୀ, ସୁମନ ବେହେରା, ରଞ୍ଜନ ଚାନ୍ଦ, ପ୍ରକାଶ ପଲେଇ, ଦେବୀଦତ୍ତ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସାଇ ପ୍ରସାଦ ମହାନ୍ତି ମଞ୍ଚ ପରିଚାଳନା କରିଥିବା ବେଳେ ଉପଦେଷ୍ଟା ବିନାୟକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଖଣ୍ଡଗିରି ଗପ

### ବାଡୁଅଙ୍କୁ ଅଡୁଆ 'କ୍ୟାମେରା'

ଖଣ୍ଡଗିରି ମେଳାରେ ଯାତ୍ରାପ୍ରେମୀ ଓ ମେଳା ପ୍ରେମୀଙ୍କ ଭିଡ଼ ଯେତିକି ବଢ଼ୁଛି, ସେତିକି ମାତ୍ରାରେ ପ୍ରେମୀ ଯୁଗଳଙ୍କ ଭିଡ଼ରେ ପରିଲକ୍ଷିତ ହେଉଛି। ସକାଳୁ ସକାଳୁ ମୁଣ୍ଡିଆରେ ଯେତିକି ଭିଡ଼ ଜମୁଛି ସାରାଦିନ ମେଳାରେ ଆଉ ରାତି ହେଲେ ଯାତ୍ରା ପେଣ୍ଡାଲରେ ପ୍ରେମୀ ଯୁଗଳଙ୍କ ଭିଡ଼ ଲାଗୁଛି। ସବୁ ଠିକ୍ ଅଛି ଏସବୁ ଭିଡ଼ ଆଗରୁ ଲାଗୁଥିଲା ଏବେ ଲାଗୁଛି, କିନ୍ତୁ ଆଜିର ମୋବାଇଲ୍ ଯୁଗରେ ବାଡୁଅଙ୍କୁ ଅଡୁଆ କରୁଛି କ୍ୟାମେରା। ଯିଏ ଯୋଉଠି ପାଇଲା ସେଲ୍‌ଫି ନେଇ ସୋଶାଲ୍ ମିଡିଆରେ ଛାଡ଼ି ଦେଉଛନ୍ତି। ଏବକୁ ଲାଇଭ୍ ଯୁଗରେ ଆହୁରି ଅଡୁଆ। ସିଧା ସଳଖ କୋଉଠି କାହା ଫଟୋ ଭିଡିଓ ଯାଇ ପୂରା ମାର୍କେଟରେ ଭାଇରାଲ୍ ହୋଇଯାଉଛି। ଆମେ ଖଣ୍ଡଗିରି ମେଳାରେ ବୁଲିଲା ବେଳକୁ ମାଳମାଳ ଯୁବପ୍ରେମୀ ଯୁଗଳ କିଏ ହେଲ୍‌ମେଟ୍ ପିନ୍ଧି ତ କିଏ ମୁହଁରେ ରୁମାଲ୍ ଚୁନି ବାନ୍ଧି ବୁଲୁଛନ୍ତି। ଭାବିଲୁ ଏମାନେ ହେଲ୍‌ମେଟ୍ ପିନ୍ଧି କାହିଁକି ବୁଲୁଛନ୍ତି। ବୁଝୁବୁଝୁ ଯାହା ଯାହା ଜାଣିଲୁ ଆମ ମୁଣ୍ଡ ଗୋଲ୍ ହେଇଗଲା। ଆଜିକାଲି ବାଡୁଅ ପିଲାଏ ପାଠ ପଢ଼ା, ଟ୍ୟୁସନ୍ କହି ଘରୁ ବାହାରୁଛନ୍ତି। କିନ୍ତୁ ବୁଲିଲା ବେଳକୁ ମେଳାରେ ହଳି ହଳି ହୋଇ ବୁଲୁଛନ୍ତି। ଏମିତି ଅବାଗିଆ ଅବସ୍ଥାରେ ଯଦି ଭିଡିଓ ଭାଇରାଲ୍ ହେଇଗଲା ତାହାଲେ ଘରେ ନିସ୍ତୁକ ମାଡ଼ଗାଳି ହିଁ ସାର। ବିଚରା ବାଡୁଆ ଯୁବଗୋଷ୍ଠୀଙ୍କୁ ଅଡୁଆ କରୁଛି କ୍ୟାମେରା। ସେଥିପାଇଁ କିଏ ହେଲ୍‌ମେଟ୍ ପିନ୍ଧି ବୁଲୁଛି ତ ଆଉ କୋଉ ଝିଅ ମୁହଁରେ ଚୁନି ଘୋଡ଼େଇ। ବାକି କିଛିପୁଅ ମୁହଁରେ ରୁମାଲ୍ ବାନ୍ଧି ବୁଲୁଛନ୍ତି।

-ବରୁଣ

# 'ଅଧ ରାତିର...' ଦେଖିବାକୁ ରାତି ଅଧରୁ ଧାଡ଼ି

ହରେକୃଷ୍ଣ ମହତାବ ପେଣ୍ଡାଲରେ ତୁଳସୀ ଗଣନାଟ୍ୟ ଯାତ୍ରା ମଇଦାନରେ ପାଦ ରଖିଛି। ଶନିବାର ପ୍ରଥମ ରଜନୀରେ 'ଅଧ ରାତିର ସାଥୀ' ନାଟକର ଦୁଇଟି ଯାକ ସୋ' ହାଉସଫୁଲ ଯାଇଛି। ଶନିବାର ଅନେକ ଯାତ୍ରା ପ୍ରେମୀ ଘଣ୍ଟା ଘଣ୍ଟା ଛିଡ଼ା ହେବା ପରେ ନିରାଶ ହୋଇ ଫେରିଥିଲେ। ରବିବାର ଭୋରରୁ ନାଟକ ପ୍ରେମୀଙ୍କ ଭିତରେ ଅଲଗା ପ୍ରକାରର ଉତ୍ସାହ ଦେଖିବାକୁ ମିଳିଛି। ଶନିବାର ରାତିର ସୋ ସରି ନ ଥିବା ବେଳେ ରବିବାର ସୋ ପାଇଁ ରାତି ଅଧରୁ ଟିକଟ୍ କାଉଣ୍ଟର ଆଗରେ ଭିଡ଼ ଦେଖିବାକୁ ମିଳିଛି । ଦୀର୍ଘ ୫ ଘଣ୍ଟା ଅପେକ୍ଷା କରିବା ପରେ ଖୋଲିଥିଲା ଟିକଟ୍ କାଉଣ୍ଟର୍। ସକାଳ ୮ଟାରୁ ଟିକେଟ କାଉଣ୍ଟର ଖୋଲିଥିଲା। ଟିକେଟ କାଉଣ୍ଟରରେ ମହିଳାଙ୍କ ଲାଗି ସ୍ୱତନ୍ତ୍ର କାଉଣ୍ଟର କରାଯାଇଥିଲା। କାଉଣ୍ଟର ଆଗରେ ମହିଳାଙ୍କ ଲମ୍ବା ଧାଡ଼ି ମଧ୍ୟ ଦେଖିବାକୁ ମିଳିଥିଲା । ଆଉ ମାତ୍ର କେଇ ଘଣ୍ଟାରେ ଟିକଟ୍ ବୋହି ନେଇଥିଲେ ଯାତ୍ରା ପ୍ରେମୀ। ଏହାପରେ ବି ଅନେକ ଯାତ୍ରା ପ୍ରେମୀଙ୍କୁ ନିରାଶ ହୋଇ ଫେରିଯିବାକୁ ପଡ଼ିଛି।




## ହୋମିଓପାଥି କଲେଜ ଓ ହସ୍ପିଟାଲ୍‌ରେ ଅବ୍ୟବସ୍ଥା

# ଶିଶି ସରିଯାଇଛି; ମିଳୁନି ଔଷଧ

**ଭୁବନେଶ୍ୱର, ୨୫ ।୨(ସମିସ):** ହସ୍ପିଟାଲରେ ଔଷଧ ମହଜୁଦ୍ ଅଛି। ହେଲେ ଔଷଧ ଦେବା ପାଇଁ ଶିଶି ବା କଣ୍ଟେନର୍ ନ ଥିବାରୁ ଡାକ୍ତର ଲେଖୁଥିବା ପ୍ରେସ୍‌କ୍ରିପ୍‌ସନ କାଗଜରେ ନାଲି ଛକି ବାଜି ଯାଉଛି। କାଉଣ୍ଟର୍‌ରେ କୁହାଯାଉଛି ବାହାରୁ କିଣିବାକୁ ପଡ଼ିବ। ଫଳରେ ରୋଗୀ

- ଔଷଧ ଥାଇ ବି କାଗଜରେ ନାଲି ଛକି
- ୧୨ ମାଗଣା ଔଷଧ ପାଇବାରୁ ବଞ୍ଚିତ ରୋଗୀ
- ଫାଇଦା ନେଉଛନ୍ତି ବାହାର ଦୋକାନୀ ଓ ଦଲାଲ୍

ଯେଉଁ ଔଷଧ ହସ୍ପିଟାଲରୁ ମାଗଣାରେ ପାଇବା କଥା ସେସବୁକୁ ୨ଶହରୁ ୪ଶହ ଟଙ୍କା ଦେଇ ବାହାରୁ କିଣୁଛନ୍ତି। ଔଷଧ ନ ମିଳିବାରୁ ରୋଗୀ ହଇରାଣ ହେଉଛନ୍ତି। ସେପଟେ କମ୍‌ଦାମର ଔଷଧକୁ ଅଧିକ ଟଙ୍କାରେ ବିକ୍ରିକରି ମାଲାମାଲ ହେଉଛନ୍ତି ଦୋକାନୀ। ତେବେ ହୋମିଓପାଥି ଔଷଧକୁ ଭରାଯାଉଥିବା ୧୫ଏମ୍‌ଏଲ୍ ଓ ୩୦ଏମ୍‌ଏଲ୍ ଖାଲି ପ୍ଲାଷ୍ଟିକ ଶିଶି ନ ଥିବା କହି ରୋଗୀଙ୍କୁ ଔଷଧ ଦିଆଯାଉ ନାହିଁ। ସାମାନ୍ୟ ଶିଶି ପାଇଁ ଔଷଧ ଫେରିବା ଘଟଣାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି ସାଧାରଣ ଲୋକେ। ତେବେ ଏଭଳି ଘଟଣା ଘଟିଛି ଡାକ୍ତର ଅଭିନ ଚନ୍ଦ୍ର ହୋମିଓପାଥି ମେଡିକାଲ କଲେଜ ଓ ହସ୍ପିଟାଲରେ।

ରାଜଧାନୀର ଖାରବେଳ ନଗରସ୍ଥିତ ଏହି ହୋମିଓପାଥି ହସ୍ପିଟାଲରେ ଦୈନିକ ପ୍ରାୟ ୨୦୦ ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। କେବଳ ଭୁବନେଶ୍ୱର କିମ୍ବା କଟକ ନୁହେଁ ରାୟଗଡ଼ା, ନବରଙ୍ଗପୁର, କୋରାପୁଟ ଭଳି ଦୂର ଦୂରାନ୍ତରୁ ରୋଗୀ ଏଠାକୁ ଉତ୍ତମ ଚିକିତ୍ସା ସେବା ପାଇବା ଆଶାରେ ଆସୁଛନ୍ତି। ଗତ ୨୧ତାରିଖରୁ ହସ୍ପିଟାଲରେ ହୋମିଓପାଥି ଔଷଧ ଦିଆଯାଉଥିବା ପ୍ଲାଷ୍ଟିକ୍ ଶିଶି ସରିଗଲା। ତେଣୁ ଔଷଧ କାଉଣ୍ଟରରେ ଔଷଧ ଥାଇ ବି ରୋଗୀଙ୍କୁ ମନା କରାଗଲା। ଡାକ୍ତର ଲେଖୁଥିବା ପ୍ରେସ୍‌କ୍ରିପ୍‌ସନରେ ନାଲି ଛକି ପକାଇ ରୋଗୀଙ୍କୁ ବାହାରୁ ଔଷଧ କିଣିବାକୁ ବାଧ କରାଗଲା। ଏହାପରେ ଗତ ୨୧ ତାରିଖରେ ହସ୍ପିଟାଲରେ ସିନିଅର ମେଡିକାଲ ଅଫିସର ଅଧ୍ୟକ୍ଷଙ୍କୁ ପତ୍ର ଦ୍ୱାରା ଏସମ୍ପର୍କରେ ଅବଗତ କରାଇଲେ। ଜରୁରିକାଳୀନ ଭିତ୍ତିରେ ଶିଶି ଯୋଗାଇ ଦେବାକୁ ଅନୁରୋଧ କରାଗଲା। ଏହା ମଧ୍ୟରେ ୫ଦିନ ବିତିଯାଇଥିଲେ ମଧ୍ୟ ସମାଧାନ ହୋଇପାରୁ ନାହିଁ।

ମୁଖ୍ୟତ ଦୀର୍ଘଦିନର ପେଟ ରୋଗ, ଗ୍ୟାସଷ୍ଟିକ୍, ଥଣ୍ଡା ଜ୍ୱର, ଘଣ୍ଡିଆ, ଘା ଏବଂ ଚର୍ମ ରୋଗ ପାଇଁ ରୋଗୀ ଏହି ହସ୍ପିଟାଲ ଉପରେ ନିର୍ଭର କରିଥାନ୍ତି। ଶିଶି ନ ଥିବାରୁ ଓସିଓମସାଙ୍ଗ ମଦରଟିନଚର, ମିଲିଫୋଲିୟମ୍ ମଦରଟିନଚର, ଜଷ୍ଟିସିଆ ମଦରଟିନଚର, ହେମାମାଲିସ ମଦରଟିନଚର, ବ୍ଲାଟା ମଦରଟିନଚର ଭଳି ୧୨ଟି ମାଗଣା ଔଷଧ ରୋଗୀଙ୍କୁ ମିଳି ପାରୁନାହିଁ। ପ୍ରେସ୍‌କ୍ରିପ୍‌ସନରେ ଯଦି ୪ଟି ଲେଖାଯାଉଛି ତେବେ ୨ଟି ଔଷଧ ବାହାରୁ କିଣିବାକୁ ପଡୁଛି। ଏହାକୁ ନେଇ ରୋଗୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

ଏସମ୍ପର୍କରେ ଅଧ୍ୟକ୍ଷ ଜ୍ଞାନ ରଞ୍ଜନ ମହାନ୍ତିଙ୍କୁ ପଚାରିବାରୁ ସେ ପ୍ରଥମେ କହିଲେ ସମସ୍ତଙ୍କୁ ଔଷଧ ମିଳୁଛି। ତେବେ ଏହା ନିରାମୟ ନୁହେଁ ଯେ, ସବୁ ଔଷଧ ମିଳିବ। ଯାହା ମାଗଣା ଦିଆଯିବା କଥା ଦିଆଯାଉଛି। ତେବେ ଶିଶି ଯୋଗୁ ଔଷଧ ନ ମିଳିଲେ ମୁଁ କିଛି କରି ପାରିବି ନାହିଁ। ଅନ୍ୟପକ୍ଷରେ ସିନିଅର ମେଡିକାଲ ଅଫିସର ପ୍ରତାପ ଦାସ କହିଛନ୍ତି ପ୍ଲାଷ୍ଟିକ ଶିଶି ପାଇଁ ଟଙ୍କା ନାହିଁ। ଅଧ୍ୟକ୍ଷଙ୍କୁ ଜଣାଇଛୁ ଖୁବ୍‌ଶୀଘ୍ର ସମାଧାନ ହୋଇଯିବ ବୋଲି ସେ କହିଛନ୍ତି।




# ପଟିଆରେ ଯୁବ-ଛାତ୍ର ବନ୍ଧୁମିଳନ

## ପୂର୍ବତନ ବିଧାୟକଙ୍କୁ ପଟୁଆରରେ ନେଲେ ପାଛୋଟି




**ନନ୍ଦନକାନନ,୨୫।୨(ସମିସ):** ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ଉତ୍ତର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପଟିଆ ସ୍ଥିତ ମା' ପନିକିପଟା ମନ୍ଦିର ପ୍ରାଙ୍ଗଣରେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ରଙ୍କ ନେତୃତ୍ୱରେ ଏକ ଯୁବ-ଛାତ୍ର ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିର୍ବାଚନ ମଣ୍ଡଳୀର ବିଭିନ୍ନ ୱାର୍ଡ ଓ ପଞ୍ଚାୟତର ଯୁବ-ଛାତ୍ରମାନେ ଯୋଗଦାନ କରିଥିଲେ। ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ରଙ୍କୁ ପୁଣି ଥରେ ବିଧାୟକ ପ୍ରାର୍ଥୀ କରିବା ପାଇଁ ଆହ୍ୱାନ ନାରା ଦେଇଥିଲେ। ପଟିଆ ବିଗ ବଜାର ଛକରୁ ବାଇକ ଶୋଭାଯାତ୍ରାରେ ଶହ ଶହ ସଂଖ୍ୟାରେ ଯୁବକ ଛାତ୍ର ପ୍ରିୟଦର୍ଶୀଙ୍କୁ ସଭାସ୍ଥଳକୁ ପାଛୋଟି ଆଣିଥିଲେ। ସେଠାରେ ଯୁବନେତା ପ୍ରକାଶ ତ୍ରିପାଠୀଙ୍କ ସଭାପତିତ୍ୱରେ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା ପରିଷଦ କୁନାଲ ରାଉତ, ଅଭିନେତା ବିଜୁ ବଡ଼ଜେନା, କର୍ମଚାରୀ ନେତା ସରୋଜକାନ୍ତ ମଲ୍ଲିକ, ବରିମୁଣ୍ଡ ଗ୍ରାମ ସଭାପତି ପବିତ୍ର ସ୍ୱାଇଁ, ଆଲୋକ ପାଣିଗ୍ରାହୀ, ଆଦର୍ଶ ସେନ୍, ନାରୀନେତ୍ରୀ ଦୀପା ଦାସ ଉପସ୍ଥିତ ଥିଲେ। କାଳିଚରଣ ସିଂ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।



## ଥାନା ପରିସରରେ ଯୁବକଙ୍କୁ ଆକ୍ରମଣ

**ଭୁବନେଶ୍ୱର, ୨୫ ।୨(ସମିସ):** ପୁଲିସଙ୍କୁ ଦୁର୍ବୃତ୍ତଙ୍କ ଖୋଲା ଚ୍ୟାଲେଞ୍ଜ। ପୂର୍ବଶତ୍ରୁତାକୁ ନେଇ ଥାନା ପରିସରରେ ଜଣେ ଯୁବକଙ୍କୁ ଆକ୍ରମଣ କରିଛନ୍ତି କିଛି ଯୁବକ। ଏଭଳି ଏକ ଘଟଣା ଘଟିଛି ବାଲିପାଟଣା ଥାନା ପରିସରରେ। ଶନିବାର ରାତ୍ରି ପ୍ରାୟ ୧୦ଟାରେ ମୁଦୁଲି ସାହିର ଚିତ୍ତ ରଞ୍ଜନ ମୁଦୁଲି ଘରକୁ ଫେରୁଥିବା ସମୟରେ ୩ ଜଣ ଯୁବକ ତାଙ୍କୁ ଥାନା ନିକଟରେ ଆକ୍ରମଣ କରିଥିଲେ। ଚିତ୍ତ ରଞ୍ଜନ ଜୀବନ ବଞ୍ଚାଇବାକୁ ଥାନା ଭିତରକୁ ପଶି ଯାଇଥିଲେ। ମାତ୍ର ଥାନା ପରିସରରେ ୩ଜଣ ଯୁବକ ମାଡ଼ ମାରି ଲହୁଲୁହାଣ କରିବା ସହ ଏକ ଇଟାରେ ଚିତ୍ତରଞ୍ଜନଙ୍କ ମୁହଁକୁ ଛେଚି ଦେଇଥିଲେ। ତେବେ ପୁଲିସ ୨ ଜଣ ଯୁବକଙ୍କୁ ଅଟକ ରଖିଛି। ଅନ୍ୟଜଣେ ଅଭିଯୁକ୍ତ ଘଟଣାସ୍ଥଳରୁ ଖସି ପଳାଇଛି। ଏନେଇ ବାଲିପାଟଣା ଥାନା ଅଧିକାରୀ ସୂର୍ଯ୍ୟ ନାରାୟଣ ପାଢ଼ୀ କହିଛନ୍ତି, କେହି କାହାକୁ ଚିହ୍ନି ନାହାଁନ୍ତି। ସମସ୍ତେ ନିଶାସକ୍ତ ଅବସ୍ଥାରେ ରହିଥିଲେ। ତେଣୁ ସମସ୍ତଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି।

## ବାଇକ୍ ଚୋରିକରି ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୨୫ ।୨(ସମିସ):** ବାଇକ୍ ଚୋରି ଅଭିଯୋଗରେ ସହିଦନଗର ଥାନା ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲା ଲିଙ୍ଗରାଜ ଥାନା ଅଞ୍ଚଳର ଦିଲ୍ଲୀପ କୁମାର ଦାଶ। ତା' ନିକଟରୁ ପୁଲିସ ଏକ ଚୋରି ବାଇକ୍ ଜବତ କରିଛି। ସୂଚନାଯୋଗ୍ୟ ଯେ, ଗତ ୨୧ ତାରିଖ ସନ୍ଧ୍ୟାରେ ଅଭିଯୋଗକାରୀ ଜଣକ ନିଜ ହୀରୋ ଗ୍ଲାମର ମଟରସାଇକଲକୁ ବିଷ୍ଣୁ ମନ୍ଦିର ସମ୍ମୁଖରେ ପାର୍କିଂକରି ମନ୍ଦିର ଭିତରକୁ ପୂଜା କରିବା ଲାଗି ଯାଇଥିଲା ବେଳେ ଦିଲ୍ଲୀପ ତାଙ୍କ ମଟର ସାଇକଲକୁ ଚୋରିକରି ନେଇଯାଇଥିଲା। ବହୁତ ଖୋଜା ଖୋଜି କରିବା ପରେ ମଧ୍ୟ ଅଭିଯୋଗକାରୀ ନିଜ ମୋଟର୍ ସାଇକଲକୁ ନପାଇ ସହିଦନଗର ଥାନାରେ ଏନେଇ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ କେଶରୀ ରେସିଡେନ୍ସି ନିକଟରେ ଚଢ଼ଉ କରି ଅଭିଯୁକ୍ତକୁ କାବୁ କରିଥିଲା।

## ଦୋକାନରୁ ଚୋରି; ଯୁବକ ଗିରଫ

**ହଂସପାଳ,୨୫।୨(ସମିସ):** ଏକ ତେଜରାତି ଦୋକାନରୁ ଚୋରି ଘଟଣାରେ ପାହାଳ ଥାନା ପୁଲିସ ଜଗନ୍ନାଥପୁର ଗ୍ରାମର ରାଜକିଶୋର ଭଞ୍ଜ(୨୮)କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ଘର ପାଖରେ ଥିବା ତେଜରାତି ଦୋକାନର ପଛପଟ ତାଲା ଭାଙ୍ଗି ସାମଗ୍ରୀ ଚୋରି କରି ଦୌଡ଼ି ପଳାଉଥିଲେ। ପୂର୍ଣ୍ଣଚନ୍ଦ୍ର ଥାନାରେ ଅଭିଯୋଗ କରିବାପରେ ଥାନା ଅଧିକାରୀ ବିଉଟି ମହାନ୍ତି ଘଟଣାର ତଦନ୍ତ କରି ଅଭିଯୁକ୍ତ ନିକଟରୁ ୨୦ଟି ରିଫାଇନ ତେଲ, ୨୨ଟି ସର୍ଫ ପ୍ୟାକେଟ, ୨୦ଟି ସୋରିଷ ତେଲ , ୬ଟି ନଡ଼ିଆ ତେଲ, ଗୋଟିଏ ଚାଉଳ ପ୍ୟାକେଟ ଜବତ କରିଛି।

### ଆପାର୍ଟମେଣ୍ଟ ଚୋରି ରୋକିବାକୁ କମିସନରେଟ୍ ପୁଲିସର ଖସଡ଼ା ପ୍ରସ୍ତୁତ

# ଘର ମାଲିକଙ୍କୁ ସିପିଙ୍କ ୩ ସୂତ୍ରୀ ମନ୍ତ୍ର

**ଭୁବନେଶ୍ୱର, ୨୫ ।୨(ସମିସ):**

ଆପାର୍ଟମେଣ୍ଟର ଫ୍ଲାଟ୍‌ରୁ ଲୁଟ୍ ରୋକିବାକୁ ଆଉ ପାଦେ ଆଗେଇଛି କମିସନରେଟ୍ ପୁଲିସ। କିଭଳି ନିଜ ଘରକୁ ନିଜେ ସୁରକ୍ଷା ଦେଇପାରିବେ ସେନେଇ ଆପାର୍ଟମେଣ୍ଟ ବାସିନ୍ଦାଙ୍କ ସହ ଆଲୋଚନା ହୋଇଛି। ଆପାର୍ଟମେଣ୍ଟର ସିସିଟିଭିକୁ ତର୍ଜମା ପରେ ଆପାର୍ଟମେଣ୍ଟରୁ ଚୋରି

- **ଉଚ୍ଚ କ୍ଷମତାସମ୍ପନ୍ନ କ୍ୟାମେରା ଓ କମ୍ୟୁନିଟି ପାଟ୍ରୋଲିଂକୁ ଗୁରୁତ୍ୱ**
- **ଲାଇସେନ୍ସପ୍ରାପ୍ତ ଏଜେନ୍ସିର ସୁରକ୍ଷାକର୍ମୀ ରଖିବା ବାଧ୍ୟତାମୂଳକ**

ରୋକିବାକୁ କମିସନରେଟ୍ ପୁଲିସ ପକ୍ଷରୁ ୩ ସୂତ୍ର ମନ୍ତ୍ରକୁ ଅନୁପାଳନ କରିବାକୁ ମାଲିକମାନଙ୍କୁ କୁହାଯାଇଛି। ପେରିମିଟର ସିକ୍ୟୁରିଟି, ସୁରକ୍ଷାକର୍ମୀ ଆଉ ଟେକ୍ନୋଲୋଜି ପ୍ରାଧାନ୍ୟ ଦେବା ଉପରେ ପୁଲିସ କମିସନର୍ ସଞ୍ଜିବ ପଣ୍ଡା ଗୁରୁତ୍ୱ ଦେଇଛନ୍ତି।

୩ ସୂତ୍ର ପଦ୍ଧତି ଆପଣେଇବାକୁ ଆପାର୍ଟମେଣ୍ଟ ବାସିନ୍ଦାଙ୍କୁ ନିବେଦନ କରିଛନ୍ତି ପୁଲିସ କମିସନର୍। ପେରିମିଟର ସିକ୍ୟୁରିଟି ସିଷ୍ଟମ ଅର୍ଥାତ୍ ଆପାର୍ଟମେଣ୍ଟର ଚାରି ପାଖକୁ ସୁରକ୍ଷା କଡ଼ାକଡ଼ି ରହିବ। ଆପାର୍ଟମେଣ୍ଟରେ ବାଡ଼ର ଉଚ୍ଚତା ବୃଦ୍ଧି, କାନ୍ଥରେ କାଚ ଖଞ୍ଜିବା, କଣ୍ଟାତାର, ଲୁହାର ବାର୍ ଲଗାଇବାକୁ କୁହାଯାଇଛି। ଏଥିସହ କମ୍ୟୁନିଟି ପାଟ୍ରୋଲିଂ ଗୁରୁତ୍ୱ ଦିଆଯିବ। ଏଥିରେ



ଆପାର୍ଟମେଣ୍ଟବାସୀ ପ୍ରତ୍ୟେକ ଦିନ ପାଳିକରି ସୁରକ୍ଷାର ତଦାରଖ କରିବେ। ସେହିପରି ଦ୍ୱିତୀୟରେ ସିକ୍ୟୁରିଟି ବ୍ୟବସ୍ଥାକୁ ଆହୁରି କ୍ରିୟାଶୀଳ କରିବା ପ୍ରାଧାନ୍ୟ ଦିଆଯାଇଛି। ଆପାର୍ଟମେଣ୍ଟଗୁଡ଼ିକରେ ଲାଇସେନ୍ସ ପ୍ରାପ୍ତ ସିକ୍ୟୁରିଟି ଏଜେନ୍ସି ପାଖରୁ ସୁରକ୍ଷାକର୍ମୀ ନିୟୋଜିତ କରିବେ। ଲାଇସେନ୍ସପ୍ରାପ୍ତ ସିକ୍ୟୁରିଟି ଏଜେନ୍ସଗୁଡ଼ିକର ତାଲିକା କମିସନରେଟ୍ ପୁଲିସର ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ। ସିକ୍ୟୁରିଟି ଏଜେନ୍ସିଗୁଡ଼ିକର ରେଟିଂର ବ୍ୟବସ୍ଥା କରାଯିବ। ଯେଉଁ ସିକ୍ୟୁରିଟି ଏଜେନ୍ସିଗୁଡ଼ିକ ରେଟିଂ ଭଲ ରହିବ, ସମ୍ପୃକ୍ତ ସଂସ୍ଥାରୁ ସୁରକ୍ଷାକର୍ମୀମାନେ ଅନ୍ୟ ଆପାର୍ଟମେଣ୍ଟରେ ମୁତୟନ ହେବ। ସେଭଳି ସୁରକ୍ଷା ସମ୍ପର୍କୀତ ତୃତୀୟ ମନ୍ତ୍ରଟି ହେଉଛି, ଟେକ୍ନୋଲୋଜି। ଏଥିରେ ଆପାର୍ଟମେଣ୍ଟରେ ଉଚ୍ଚକ୍ଷମତା ସମ୍ପନ୍ନ ବିଶିଷ୍ଟ ସିସିଟିଭି ଲଗାଇବେ। ଉକ୍ତ ସିସିଟିଭିର ଆଇପି ଆଡ୍ରେସ୍ ନିକଟସ୍ଥ ଥାନାକୁ ଦେବାକୁ କୁହାଯାଇଛି। ଏଥିସହ ମୋସନ ସେନ୍ସର ଟେକ୍ନୋଲୋଜି ଓ ଆଲରାମ ସିଷ୍ଟମକୁ ବ୍ୟବହାର କରିବା ଉପରେ ଗୁରୁତ୍ୱ ଦେବାକୁ ପୁଲିସ କମିସନର ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି।

ସେହିପରି ଆପାର୍ଟମେଣ୍ଟ ନିକଟବର୍ତ୍ତୀ ଅଞ୍ଚଳରେ ପାଟ୍ରୋଲିଂକୁ ଗୁରୁତ୍ୱ ଦିଆଯିବ। ସମସ୍ତ ଥାନା ପୁଲିସ ନିଜ ଅଞ୍ଚଳରେ ରହିଥିବା ଆପାର୍ଟମେଣ୍ଟର କର୍ମକର୍ତ୍ତା ସହ ଆଲୋଚନା କରି ସୁରକ୍ଷା ସୁନିଶ୍ଚିତ କରିବ। ପାଟ୍ରୋଲିଂ ଟିମ୍‌ଗୁଡ଼ିକରେ ଜିପିଏସ୍ ଲଗାଯିବ। ସେମାନେ ବରିଷ୍ଠ ଅଧିକାରୀଙ୍କୁ ପ୍ରତିଦିନ ସୂଚନା ପ୍ରଦାନ କରିବେ। ଆପାର୍ଟମେଣ୍ଟ ଲୁଟ ରୋକିବାକୁ ଏକ ଆଡ୍‌ଭାଇଜରି ପ୍ରସ୍ତୁତ କରାଯାଇଛି। ଏଥିସହ ସବୁ ଆପାର୍ଟମେଣ୍ଟ ଗୁଡ଼ିକର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିବାକୁ ଥାନାଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। କମିସନରେଟ୍ ପୁଲିସ ମୁଖ୍ୟାଳୟରେ ଆପାର୍ଟମେଣ୍ଟର ସୁରକ୍ଷାକୁ ସୁନିଶ୍ଚିତ କରିବା ଲାଗି ଦୁଇଦିନ ଧରି କର୍ମଶାଳା ଅନୁଷ୍ଠିତ ହେଉଛି। ଏଥିରେ ଲୁଟେରାଙ୍କୁ ଧରିବା ସହ ଆପାର୍ଟମେଣ୍ଟର ସୁରକ୍ଷା ସଂକ୍ରାନ୍ତୀୟ ଆଲୋଚନା କରାଯାଇଥିଲା। ପ୍ରଥମ ଦିନରେ ସମସ୍ତ ଏସିପି, ଥାନାଧିକାରୀ ଓ ତଦନ୍ତକାରୀ ଅଧିକାରୀଙ୍କୁ ଗୁରୁମନ୍ତ୍ର ଦିଆଯାଇଥିଲା। 'ଜିରୋ'ରୁ ତଦନ୍ତ ଆରମ୍ଭ କରିବା ଲାଗି ସ୍ୱତନ୍ତ୍ର ଟିମ ଗଠନ କରାଯାଇଥିଲା। ଖୁବ୍‌ଶୀଘ୍ର ଲୁଟେରାଙ୍କୁ ଗିରଫ କରାଯିବ ବୋଲି ସିପି କହିଛନ୍ତି। ଦ୍ୱିତୀୟ ଦିନରେ ଭୁବନେଶ୍ୱର ସମସ୍ତ ଆପାର୍ଟମେଣ୍ଟର ସଭାପତି ଓ ସମ୍ପାଦକଙ୍କୁ ନିଜ ଆପାର୍ଟମେଣ୍ଟକୁ କିଭଳି ସୁରକ୍ଷିତ ରଖିବେ ତାକୁ ନେଇ ଆଲୋଚନା କରାଯାଇଥିଲା। ସେମାନେ କ'ଣ କରିବେ ଓ କ'ଣ ନ କରିବେ, ସେ ବିଷୟରେ କୁହାଯାଇଥିଲା। ରବିବାର ପୁଲିସ କମିସନର ସଞ୍ଜିବ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅତିରିକ୍ତ ପୁଲିସ କମିସନର ଅବିନାଶ କୁମାର, ଭୁବନେଶ୍ୱର ଡିସିପି ପ୍ରତୀକ ସିଂ, ସ୍ୱତନ୍ତ୍ର ଅପରାଧ ଶାଖା ଡିସିପି ଉମାକାନ୍ତ ମଲ୍ଲିକ, ଡିସିପି ମୁଖ୍ୟାଳୟ କିଶୋର ଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇଥିଲେ। ଏଥିରେ ରାଜଧାନୀର ପ୍ରାୟ ସମସ୍ତ ଆପାର୍ଟମେଣ୍ଟର ୨୮୫ ଊର୍ଦ୍ଧ୍ୱ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ। ସୂଚନାଯୋଗ୍ୟ ଯେ, ଭୁବନେଶ୍ୱରରେ ଏବେ ୪୭୫ଟି ଆପାର୍ଟମେଣ୍ଟ ରହିଛି। ଇନ୍‌ଫୋସିଟି ଥାନା କେବଳ ୬୫ଟି ଆପାର୍ଟମେଣ୍ଟ ରହିଥିବା ବେଳେ ଉପକଣ୍ଠ ଅଞ୍ଚଳରେ ଅଧିକ ଆପାର୍ଟମେଣ୍ଟ ରହିଛି।

### ଚୋରି ଦାଉରୁ ରକ୍ଷାର ବାଟ ଦେଖାଇଲା 'ବାହାଦୁର'

ଆପାର୍ଟମେଣ୍ଟ ଫ୍ଲାଟ୍‌ର ଚୋରି ଦାଉରୁ ରକ୍ଷାର ବାଟ ଦେଖାଇଲା 'ବାହାଦୁର'। ବନ୍ଦ ଘରୁ ଚୋରି ରୋକିବାକୁ ଡେଭେଲପ୍ ହୋଇଥିବା 'ବାହାଦୁର' ଆପ୍‌ର ଡେମୋ ଦେଖାଇଛି କମିସନରେଟ ପୁଲିସ। ଏହି ଡିଭାଇସକୁ ଘରର ଭିତରେ ପଟୁ କବାଟ କିମ୍ବା ଝରକା ପାଖରେ ଲାଗିବ। ଡିଭାଇସ ବାହାଦୂରରେ ଗୋଟିଏ ସିମ୍ କାର୍ଡ ରହିବ। ଯେଉଁଥିରେ ୫ଟି ନମ୍ବର ସେଭ୍ କରି ହେବ। ଏହି ଡିଭାଇସରେ ସେଭ୍ ରହିଥିବା ନମ୍ବରକୁ ଦୁଇଥର ଲେଖାଏଁ କଲ୍ ଆସିବ। ଫଳରେ ବନ୍ଦ ଘରେ ଚୋର କିମ୍ବା ସନ୍ଦିଗ୍ଧ ପଶିଲେ ଏହି ମେସିନ୍ ଘର ମାଲିକକୁ ଫୋନ କରି ଆଲର୍ଟ କରିବ।

## ମିଲେଟମୋର୍ ମାଣ୍ଡିଆ ଖାଦ୍ୟ ପ୍ରସ୍ତୁତି ବିପଣନ ପ୍ରଶିକ୍ଷଣ




**ନନ୍ଦନକାନନ,୨୫।୨(ସମିସ):** ବର୍ତ୍ତମାନ ଯୁବପିଢ଼ି ଠାରୁ ଆରମ୍ଭ କରି ଆବାଳ ବୃଦ୍ଧ ବନିତା କିପରି ନିଜକୁ ସୁସ୍ଥ ରଖି ପାରିବେ ସେଥିପାଇଁ ସୁସ୍ଥ ଓ ପୁଷ୍ଟିକର ଖାଦ୍ୟଭାବେ ମିଲେଟ ବା ମାଣ୍ଡିଆକୁ ନିଜ ନିଜର ଖାଦ୍ୟ ତାଲିକାରେ ସର୍ବାଗ୍ରେ ରଖିଲେଣି। ମାଣ୍ଡିଆ ଓ ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟ କିପରି ଉତ୍ତମ ଗୁଣବତ୍ତା ସହ ଲୋକଙ୍କ ନିକଟରେ ଅଧିକରୁ ଅଧିକ ଭାବେ ପହଞ୍ଚାଯାଇ ପାରିବ ସେଇ ଉଦ୍ଦେଶ୍ୟରେ ରବିବାର ଇନ୍ଫୋସିଟି ନିକଟ 'ଓ ହବ' ରେ ମିଲେଟମୋର୍ ତତଫରୁ 'ଉଡ଼ାଣ' ନାମରେ ଏକ ପ୍ରଶିକ୍ଷଣ ଓ ପ୍ରେରଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ ଏସ୍‌ଏଚ୍‌ଜି ଏବଂ କୃଷକ ଉତ୍ପାଦକ ସଂଗଠନ (ଏଫ୍‌ପିଓ) ର ମହିଳା ଉଦ୍ୟୋଗୀ ଯୋଗଦେଇଥିଲେ। ଯାହାର ମୂଳଲକ୍ଷ୍ୟ ଥିଲା ମାଣ୍ଡିଆକୁ କିପରି ଲୋକାଭିମୁଖୀ କରାଯିବା ସହ ମାଣ୍ଡିଆ ଚାଷ ଦ୍ୱାରା ଚାଷୀ କିପରି ଅଧିକ ଲାଭବାନ ହେଇପାରିବ। ସେଥିପାଇଁ ଏହି କମ୍ପାନୀ ମାଣ୍ଡିଆରେ ଅନେକ ପ୍ରକାର ସାମଗ୍ରୀ କରୁଥିବା ଏହାର ପ୍ରତିଷ୍ଠାତା ତଥା ଯୁବ ଉଦ୍ୟୋଗୀ ବ୍ରଜକିଶୋର ସ୍ୱାଇଁ କହିଥିଲେ। ଏପରିକି ଦିନକୁ ୧୦ଟନ୍‌ରୁ ଅଧିକ ମାଣ୍ଡିଆ ତାଙ୍କ ଫାକ୍ଟ୍ରିରେ ପ୍ରସ୍ତୁତ କରିପାରୁଥିବା କହିଥିଲେ। ମାଣ୍ଡିଆ ସ୍ୱତନ୍ତ୍ର ଭାବେ ବିଶ୍ୱ ବଜାରରେ ଆଦୃତ ଲାଭ କରିଲେ ଓଡ଼ିଶାର ଚାଷୀମାନେ ବହୁ ଭାବରେ ଉପକୃତ ହେବେ। ମାଣ୍ଡିଆ ଚାଷ ଠାରୁ ଏହାର ଖାଦ୍ୟ ପ୍ରସ୍ତୁତି ଓ ବିପଣନ ଜରିଆରେ ବହୁ ନିଯୁକ୍ତି ସୃଷ୍ଟି ହୋଇପାରିବ ବୋଲି ସେ କହିଥିଲେ। ଆଜିର ଏହି ପ୍ରଶିକ୍ଷଣ ଶିବିର ଅବସରରେ ନିର୍ଦ୍ଦେଶକ ସୁଶୀଲ କୁମାର ଦାସ, ସାଧାରଣ ପରିଚାଳକ ଶ୍ରେଶ ଲେଙ୍କା ଏବଂ ମାନବ ସମ୍ବଳ ଓ ବ୍ୟବସାୟ ସହଭାଗୀ ସୁମିତ୍ରା ସାହୁ ଅଂଶ ଗ୍ରହଣ କରି ଭବିଷ୍ୟତରେ ସେମାନେ ୫୦୦ ରୁ ଅଧିକ ଏଫ୍‌ପିଓ ସହିତ ଯୋଡ଼ି ହେବା ପାଇଁ ଯୋଜନା କରି ଥିବାର ପ୍ରକାଶ କରିଥିଲେ। ଯେଉଁଠାରେ ସେମାନେ କଞ୍ଚାମାଲ, ଯନ୍ତ୍ରପାତି ଏବଂ ଏହା ସହିତ ଅନ୍ୟାନ୍ୟ ଉତ୍ପାଦ ପ୍ରସ୍ତୁତ କରିବାର ତାଲିମ ଦେବା, ସେମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ ରହିବ। ଏହା ସହିତ କୃଷକ ଲାଭ ପାଇଁ ଓ ଏହାର ବିକ୍ରୟ ପାଇଁ ମାର୍କେଟ ସହିତ ସମ୍ପର୍କକୁ ବୃଦ୍ଧି କରିବା ମଧ୍ୟ ଏହାର ଏକ ଅଂଶ ରହିବ। 'ଓଡିଶା ମିଲେଟ ମିଶନ'କୁ ଆଗେଇ ନେଇ ଜାତୀୟସ୍ତରରେ ପହଞ୍ଚାଇବାରେ ସହାୟକ ହେଇପାରିବ। ଏଗ୍ରୋଉଦ୍ୟାନର ନିର୍ଦ୍ଦେଶକ ହର ପ୍ରସାଦ, ମାହିରା ଫାର୍ମର ପ୍ରଡୁସରର ଅଧ୍ୟକ୍ଷା କୁମୁଦିନୀ ସ୍ୱାଇଁ, ସ୍ମାଇଲ ଫାଉଣ୍ଡେସନର ନିର୍ଦ୍ଦେଶକ ଆଶିଷ୍ ଝା, ସିମା ଏଗ୍ରୋ ଫୁଡ୍ ଇଣ୍ଡଷ୍ଟ୍ରିଜର ପ୍ରଭାବର ମହାନ୍ତି ଉପସ୍ଥିତ ରହି ମିଲେଟମୋର୍ ସହିତ କର୍ଯ୍ୟକରିବାକୁ କହିଥିଲେ।

## ଚୋରା କରତକଳ, ଗଛକଟା ନେଇ ବଢ଼ୁଛି ଅସନ୍ତୋଷ

**ବାଲିଅନ୍ତା,୨୫ ।୨(ସମିସ):** ରାଜ୍ୟ ସରକାର ଅଧିକରୁ ଅଧିକ ଗ୍ରାମ୍ୟ ଜଙ୍ଗଲ ସୃଷ୍ଟି କରିବା ଲାଗି ବୃକ୍ଷରୋପଣ ନେଇ ସଭା ସମିତି ଆୟୋଜନ କରି ସଚେତନତା ସୃଷ୍ଟି କରୁଛନ୍ତି। ପ୍ରତିବର୍ଷ ଜୁଲାଇ ମାସରେ ସପ୍ତାହବ୍ୟାପୀ ବନ ମହୋତ୍ସବ ସପ୍ତାହ ପାଳନ କରାଯାଉଛି। ଏହି ଅବସରରେ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରାଯାଉଛି। ଏହାସତ୍ତ୍ୱେ ଗ୍ରାମ୍ୟ ଜଙ୍ଗଲରୁ ଅବାଧ ଗଛକଟା କମିବାର ନାଁ ଧରୁନି। ବାଲିପାଟଣା ଫରେଷ୍ଟ ରେଞ୍ଜ ଅଧୀନ ଭିଙ୍ଗାରପୁର ପଞ୍ଚାୟତ ଇଛାଦେଇପାଟଣା ଗ୍ରାମ ନିକଟରେ ପାଖାପାଖି ୯ ଏକର ପରିମିତି ଗୋଚର କିସମ ଗ୍ରାମ୍ୟ ଜଙ୍ଗଲ ଭିତରେ ଏକ ଦଶନ୍ଧି ଧରି ଏକ ବେଆଇନ କରତକଳ ଚାଲିଛି। ଜଙ୍ଗଲ ମଧ୍ୟରେ ସମିଲ ଚାଲିବା ପ୍ରସଙ୍ଗ ପରିବେଶବିତମାନଙ୍କୁ ବ୍ୟଥିତ କରିଛି। ଆଖପାଖ ଅଞ୍ଚଳରୁ ଟ୍ରାକ୍ଟର ଓ ମିନିଟ୍ରକରେ କାଠଗଣ୍ଡି ବୁହାଯାଇ ଦିନରାତି ପେଡ଼ା ଯାଉଛି। ଗ୍ରାମ୍ୟ ଜଙ୍ଗଲ ଭିତରେ ସମିଲ ଉଚ୍ଛେଦ କରିବା ନେଇ ବିଭିନ୍ନ ସମୟରେ ପରିବେଶପ୍ରେମୀ ବାଲିପାଟଣା ଫରେଷ୍ଟ ରେଞ୍ଜ କର୍ତ୍ତୃପକ୍ଷଙ୍କ ଠାରୁ ଆରମ୍ଭ କରି ଭିଙ୍ଗାରପୁର ସରପଞ୍ଚ ଏବଂ ଖୋର୍ଦ୍ଧା ଜିଲ୍ଲା ବନଖଣ୍ଡ ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କରି ଆସୁଛନ୍ତି। ହେଲେ ଜିଲ୍ଲା ବନଖଣ୍ଡ ଦପ୍ତର ଓ ସ୍ଥାନୀୟ ବନାଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ କରତକଳ ମାଲିକଙ୍କ ବିରୋଧରେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ଗ୍ରାମ୍ୟ ଜଙ୍ଗଲ ଭିତରେ ଚୋରା ସମିଲ ଚାଲିବା ନେଇ ଜଙ୍ଗଲ ଓ ଆଖପାଖ ଗ୍ରାମ୍ୟ ଜଙ୍ଗଲରୁ ଅବାଧ ବୃକ୍ଷଛେଦନ ବୃଦ୍ଧି ପାଉଥିବା ଜଣାପଡ଼ିଛି। ଏନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ଦିନକୁ ଦିନ ଜଙ୍ଗଲର ପରିସୀମା କମିବାରେ ଲାଗିଛି। ଜଙ୍ଗଲ ସମ୍ପଦ ନଷ୍ଟ ହେବା ଯୋଗୁ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଖାଲି ସେତିକି ନୁହେଁ କୁଶଭଦ୍ରା, କୁଆଖାଇ ଓ ଭାର୍ଗବୀ ନଦୀ ବନ୍ଧ, ପୁରୁଣା ଜଗନ୍ନାଥ ରାସ୍ତା ଏବଂ ଅନ୍ୟାନ୍ୟ



ସଂରକ୍ଷିତ ଜଙ୍ଗଲରୁ କସି, ଆକାଶିଆ, ଦେଶୀ ସାଗୁଆନ ଓ ଗମ୍ଭାରି ଓ ଚାଖୁଣ୍ଡା ବୃକ୍ଷ ଛେଦନ କରି କରତକଳକୁ ଚାଲାଣ କରୁଥିବା ଅଭିଯୋଗ ହେଉଛି। ବାଲିଅନ୍ତା ଅଞ୍ଚଳର ପ୍ରକୃତିପ୍ରେମୀ ଏସମ୍ପର୍କରେ ଭିଜିଲାନ୍ସ ବିଭାଗ ଫରେଷ୍ଟସେଲରେ ଏସମ୍ପର୍କରେ ଅଭିଯୋଗ କରିଥିବା କୁହାଯାଉଛି। ହେଲେ ଏଯାଏ କିଛି ସୁଫଳ ମିଳିନାହିଁ। ସମିଲ ଉଚ୍ଛେଦ ଦିଗରେ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଭୁବନେଶ୍ୱରରେ ବିକ୍ରି ହେଉଛି ୟୁପି ଗଞ୍ଜେଇ

**ଭୁବନେଶ୍ୱର, ୨୫ ।୨(ସମିସ):**

ରାଜଧାନୀରେ ମାଦକ ଦ୍ରବ୍ୟ ଭାଙ୍ଗର ବ୍ୟବହାର ବଢ଼ିବାରେ ଲାଗିଛି। କେବଳ ସରକାରୀ ଅନୁମତିପ୍ରାପ୍ତ ଭାଙ୍ଗ ଦୋକାନରେ ମାସିକ ୧ କ୍ୱିଣ୍ଟାଲ ଭାଙ୍ଗ ବିକ୍ରି ହେଉଥିବା ବେଳେ ବେସରକାରୀ ଭାଙ୍ଗ ଏହାଠାରୁ ଯଥେଷ୍ଟ ଅଧିକ ହେବ ବୋଲି କୁହାଯାଉଛି। ଅଳ୍ପ ଟଙ୍କାରେ ଅଧିକ ନିଶା ପାଇଁ ଲୋକେ ଭାଙ୍ଗକୁ ମାଦକ ଦ୍ରବ୍ୟ ଭାବେ ପସନ୍ଦ କରୁଥିବା ବେଳେ କେତେକ ପଟ୍ଟାଧାରୀ ବ୍ୟବସାୟୀ ମଧ୍ୟ ଏଥିରେ ଅସାଧୁ ଉପାୟ ଅବଲମ୍ବନ କରୁଛନ୍ତି।

ଭୁବନେଶ୍ୱରରେ ୭ଟି ପଟ୍ଟାଧାରୀ ଭାଙ୍ଗ ଦୋକାନ ରହିଛି। ଅବକାରୀ ବିଭାଗ ଠାରୁ ଅନୁମତି ନେଇ ସହରର ବିଭିନ୍ନ ସ୍ଥାନରେ ଭାଙ୍ଗ ଦୋକାନ ଖୋଲିଛନ୍ତି। ବାଲକାଟି, ବରମୁଣ୍ଡା, ରସୁଲଗଡ଼, ୟୁନିଟ୍-୪, ରସୁଲଗଡ଼, ରେଲୱେ ଷ୍ଟେସନର ୪ନମ୍ବର ପ୍ଲାଟଫର୍ମ ନିକଟରେ ଲାଇସେନ୍ସପ୍ରାପ୍ତ ଭାଙ୍ଗ ଦୋକାନ ରହିଛି। ପ୍ରତି ଅନୁମତିପ୍ରାପ୍ତ ଭାଙ୍ଗ ଦୋକାନୀ ଲାଇସେନ୍ସ ବାବଦରେ ମାସକୁ ୩୦ରୁ ୩୫ହଜାର ଟଙ୍କା ଅବକାରୀ ବିଭାଗ ନିକଟରେ ଦାଖଲ କରୁଛନ୍ତି। ସେହିପରି ସରକାରୀ ସ୍ତରରେ ଉତ୍ତରପ୍ରଦେଶରୁ ଭାଙ୍ଗ କିଣା ହେବା ପରେ କଟକରେ ଥିବା ସେଣ୍ଟ୍ରାଲ୍ କାର୍ଯ୍ୟାଳୟକୁ ଆସିଥାଏ। ସେଠାରୁ ବିଭିନ୍ନ ଜିଲ୍ଲାରେ ଥିବା ସରକାରୀ ଗୋଦାମକୁ ଭାଙ୍ଗ ବିକ୍ରି ଲାଗି ଯାଇଥାଏ। ଅନୁରୂପ ଭାବେ ଭୁବନେଶ୍ୱରେ ବିଜେବି ନଗରରେ ଥିବା ଅବକାରୀ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ଗୋଦାମ ରହିଛି। ସେଠାକୁ ଭାଙ୍ଗ ଆସିବା ପରେ ଅନୁମତି ନେଇଥିବା ଲାଇସେନ୍ସଧାରୀ ଦୋକାନୀ ଭାଙ୍ଗ କିଣୁଛନ୍ତି। ରାଜଧାନୀର ୭ଜଣ ପଟ୍ଟାଧାରୀ ବା ଲାଇସେନ୍ସପ୍ରାପ୍ତ ଦୋକାନୀ ଭାଙ୍ଗ କିଲୋ ପିଛା ୫୦୦ ଟଙ୍କାରେ କିଣୁଛନ୍ତି। ସେମାନେ ନିଜ ନିଜ ଦୋକାନରେ ବିକ୍ରି କରୁଛନ୍ତି। ଅପରପକ୍ଷେ ବହୁ ସମୟରେ ଦେଖାଯାଉଛି ଯେ, ବେଆଇନ୍ ଭାବେ ଭାଙ୍ଗ କାରବାର କରି ବେପାରୀ ଧରାପଡୁଛନ୍ତି। ସେଇ ଭାଙ୍ଗ ନଷ୍ଟ ହେବା ପୂର୍ବରୁ ଜବତ ଭାଙ୍ଗକୁ ପୁଣି ବିକ୍ରି କରାଯାଉଛି। ଭାଙ୍ଗ ଜବତ ହେବା ପରେ ସେଗୁଡ଼ିକୁ ନେଇଯିବାକୁ ସରକାରଙ୍କୁ ଅବକାରୀ ବିଭାଗ ଚିଠି ଲେଖି ଅବଗତ କରୁଛି। ପରବର୍ତ୍ତୀ ସମୟରେ ସେଇ ଜବତ ଭାଙ୍ଗକୁ ଅନୁମତିପ୍ରାପ୍ତ ଭାଙ୍ଗ ଦୋକାନଗୁଡ଼ିକୁ ବିକ୍ରି କରାଯାଇଛି।

ଆଗକୁ ରଙ୍ଗର ପର୍ବ ହୋଲି ଓ ଶିବରାତ୍ରି ଆସୁଥିବାରୁ ଭାଙ୍ଗ କାରବାର ବୃଦ୍ଧି ହେବ। ପଣା ଓ ସର୍ବତ୍‌ରେ ଭାଙ୍ଗ ପଡ଼ିବା ସହ ପଣା ଜମିବ। ତେଣୁ ଭାଙ୍ଗର ଚାହିଦାକୁ ଦୃଷ୍ଟିରେ ରଖି ଦୋକାନୀ ଅଧିକ ମାଲ୍ କିଣୁଛନ୍ତି। କେବଳ ଲାଇସେନ୍ସଧାରୀ ଦୋକାନ ନୁହେଁ ଲୁଚାଛପାରେ ଭାଙ୍ଗ ବିକ୍ରି ଲାଗି ଅନ୍ୟ ବ୍ୟବସାୟମାନେ ଭାଙ୍ଗ ଗଚ୍ଛିତ ରଖିଛନ୍ତି। ସହରରେ ଏବେ ସବୁ ଛେନା, ରାବିଡ଼ି ଏବଂ ଲସି ଦୋକାନରେ ଭାଙ୍ଗ ମିଳୁଛି। ରାସ୍ତାକଡ଼ରେ ଛେନା ବିକ୍ରି କରୁଥିବା ଉଠା ଦୋକାନମାନେ ଭାଙ୍ଗ ମାଗିଲେ ସହଜରେ ମିଳିଯାଉଛି। ତେଣୁ ସହରରେ ଭାଙ୍ଗୁଆଙ୍କ ସଂଖ୍ୟା ବଢ଼ି ଚାଲିଛି। ଭାଙ୍ଗର ଚାହିଦା ବଢୁଥିବାରୁ ଅନୁମତି ନ ନେଇ ଭାଙ୍ଗ ବିକ୍ରି କରି ମାଲେମାଲ୍ ହେଉଛନ୍ତି ଦୋକାନୀ। ସହରର ବିଭିନ୍ନ ସ୍ଥାନରେ ଚୋରା ଭାଙ୍ଗ ବ୍ୟବସାୟ ବଢୁଥିବା ବେଳେ ସମ୍ପୃକ୍ତ ବ୍ୟବସାୟୀଙ୍କୁ ପୁଲିସ କାବୁ କରିବାରେ ସେପରି ସକ୍ରିୟତା ପ୍ରଦର୍ଶନ କରୁ ନ ଥିବା ଅଭିଯୋଗ ହେଉଛି। ତେବେ ସହରରେ ଭାଙ୍ଗ ବିକ୍ରି କରୁଥିବାର ନଜରକୁ ଆସିଲେ ଚଢ଼ଉ କରାଯାଇ ଭାଙ୍ଗ ଜବତ ହେଉଛି। ଏହାକୁ ଆହୁରି କ୍ରିୟାଶୀଳ କରିବା ଲାଗି ଗୁଇନ୍ଦା ବ୍ୟବସ୍ଥାକୁ ସୁଦୃଢ଼ କରାଯାଉଛି। ସହରର କେଉଁ ସ୍ଥାନରେ ସବୁ ଲୁଚାଛପାରେ ବେଆଇନ୍ ଭାବେ ଭାଙ୍ଗ ବିକ୍ରି କରାଯାଉଛି, ସେନେଇ ପ୍ରମାଣ ଯୋଗାଡ଼ କରାଯାଉଛି। ଖୁବ୍‌ଶୀଘ୍ର ବେଆଇନ୍ ଭାବେ ଭାଙ୍ଗ ବିକ୍ରି କରୁଥିବା ଦୋକାନଗୁଡ଼ିକରେ ଚଢ଼ଉ କରାଯିବ ବୋଲି ଅବକାରୀ ଇନ୍ସପେକ୍ଟର ବିକାଶ ନାୟକ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ୩ଦିନ ତଳେ ବାଲିପାଟଣା ମହୁଖଣ୍ଡା ଗାଁରେ ଚଢ଼ଉ କରି ୫୨୦ କିଲୋ ଭାଙ୍ଗ ସହ ୩ଜଣଙ୍କୁ ଗିରଫ କରାଯାଇଥିଲା। ସେଭଳି ଚଳିତବର୍ଷ ଭୁବନେଶ୍ୱରରୁ ଅବକାରୀ ୟୁନିଟ୍, କମିସନରେଟ୍ ପୁଲିସ ଏବଂ ସ୍ପେଶାଲ ଟାସ୍କ ଫୋର୍ସ କ୍ୱିଣ୍ଟାଲ କ୍ୱିଣ୍ଟାଲ ଭାଙ୍ଗ ଜବତ କରିଛି। ବିହାର, ଉତ୍ତରପ୍ରଦେଶ, ମଣିପୁର, ମିଆଁମାର ଭଳି ରାଜ୍ୟରେ ଭାଙ୍ଗ ଉତ୍ପାଦନ ହେବା ପରେ ଓଡ଼ିଶା ବଜାରକୁ ଆସୁଛି। କିଛି ଭାଙ୍ଗ ସରକାରୀ ସ୍ତରରେ କିଣାଯାଇ ଓଡ଼ିଶାକୁ ଆସୁଥିବା ବେଳେ ବହୁଳମାତ୍ରାରେ ବେଆଇନ୍ ଭାବେ ଭାଙ୍ଗ କିଣି ଏଠାରେ ବିକ୍ରି କରାଯାଉଛି।



- ରାଜଧାନୀରେ ୭ ପଟ୍ଟାଧାରୀ ଭାଙ୍ଗ ଦୋକାନ
- ମାସରେ 'କ୍ୱିଣ୍ଟାଲ୍' ଭାଙ୍ଗ ଖାଉଛନ୍ତି ସହରବାସୀ
- ଓଡ଼ିଶାରେ ବିକ୍ରି ଲାଗି ଉତ୍ତରପ୍ରଦେଶରରୁ ଆସୁଛି ଭାଙ୍ଗ
- ଜବତ ଭାଙ୍ଗର ନୂଆ ଠିକଣା ଲାଇସେନ୍ସପ୍ରାପ୍ତ ଦୋକାନ

## କୃତ୍ରିମ ଅଙ୍ଗ ପ୍ରତିରୋପଣ ଶିବିର



**ଭୁବନେଶ୍ୱର, ୨୫ ।୨(ସମିସ):** ଶ୍ରୀସତ୍ୟ ସାଇ ସେବା ସଂଗଠନ ଓଡ଼ିଶା ଶାଖା ଓ ରାଜସ୍ଥାନ ଉଦୟପୁରର ନାରାୟଣ ସେବା ସଂସ୍ଥାନ ପକ୍ଷରୁ ୟୁନିଟ୍-୩ସ୍ଥିତ ସତ୍ୟସାଇ ସେବା ସଂଗଠନର 'ସାଇଜନନୀ' ଠାରେ କୃତିମ ଅଙ୍ଗ ପ୍ରତିରୋପଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୮୫ ଜଣଙ୍କ କୃତ୍ରିମ ଅଙ୍ଗ ପ୍ରତିରୋପଣ କରାଯାଇଛି। ଗତ ନଭେମ୍ବରରେ ଏଥିପାଇଁ ମାପ ନିଆଯାଇଥିଲା। ସେହି ଅନୁସାରେ କୃତ୍ରିମ ଅଙ୍ଗ ପ୍ରଦାନ କରାଯିବା ସହ ପରବର୍ତ୍ତୀ ଚିକିତ୍ସା ପରାମର୍ଶ ଦିଆଯାଇଛି। ଏହି ସମସ୍ତ ଅଙ୍ଗ ନାରାୟଣ ସେବା ସଂସ୍ଥାନ ପ୍ରସ୍ତୁତ କରିଛି। ଏହି କାର୍ଯ୍ୟକ୍ରମରେ ନାରାୟଣ ସେବା ସଂସ୍ଥାନର ଡାକ୍ତର ମାନସ କୁମାର ସାହୁ, ସଂଯୋଜକ ଲାଲ୍ ସିଂ ଭାଟି, ଶ୍ରୀ ସତ୍ୟସାଇ ସେବା ସଂଗଠନର ପଦାଧିକାରୀ ଓ ସମସ୍ତ ସମିତିର ଆବାହକ ଓ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।





# ସହରସାରା ବେଆଇନ ପୋଷ୍ଟର୍, ବ୍ୟାନର୍

■ ନଷ୍ଟ ହେବାରେ ଲାଗିଛି ରାଜଧାନୀର ସୌନ୍ଦର୍ଯ୍ୟ
■ ଦିନେ ଦୁଇ ଦିନ କାର୍ଯ୍ୟାନୁଷ୍ଠାନ ନେଇ ଚୁପ୍ ବିଏମ୍‌ସି

ଭୁବନେଶ୍ୱର, ୨୫ ।୨(ସମିସ):

ଘରଭଡ଼ା ଦରକାର ଥିଲେ ଏହି ନମ୍ବରରେ ଯୋଗାଯୋଗ କରନ୍ତୁ..., କଲେଜ୍‌ରେ ନାମଲେଖା ଆରମ୍ଭ ହେଲାଣି..., ଅଗ୍ରୀମ ଦେଇ ସିଟ୍ ବୁକ୍ କରନ୍ତୁ..., ମାସିକ ୩ହଜାର ଟଙ୍କାରେ ମଧ୍ୟାହ୍ନ ଭୋଜନ, ଡିନର୍ ସୁସ୍ୱାଦ ଖାଦ୍ୟ ଦରକାର ଆଜି ହିଁ ଯୋଗାଯୋଗ କରନ୍ତୁ..., ଗଣିତ ଓ ଇଂରାଜୀ ପାଇଁ ସ୍ୱତନ୍ତ୍ର ଶିକ୍ଷକ ଦରକାର କି...? ଏମିତି କିଛି ପୋଷ୍ଟର, ବ୍ୟାନର୍ ଲିଫ୍‌ଲେଟ୍ ରାଜଧାନୀର ଗଳିକନ୍ଦିରେ ଛାଇଯାଇଛି । ବିଶେଷକରି ବସ୍‌ଷ୍ଟାଣ୍ଡ, ରେଳ ଷ୍ଟେସନ ଓ ବହୁଳ ଜନସମାଗମ ସ୍ଥାନରେ ଏହି ପୋଷ୍ଟର ଅଧିକ ମାତ୍ରାରେ ଦେଖିବାକୁ ମିଳୁଛି । ସହରର ସୌନ୍ଦର୍ଯ୍ୟକରଣକୁ ଏସବୁ ନଷ୍ଟ କରୁଥିଲେ ହେଁ ବିଏମ୍‌ସି କେବଳ ନାମକୁ ମାତ୍ର କାର୍ଯ୍ୟାନୁଷ୍ଠାନ ନେଇ ଚୁପ୍ ବସିଯାଉଛି । ଫଳରେ ଦିନକୁଦିନ ଏଭଳି ସଂସ୍ଥା ଓ ଲୋକଙ୍କ ପାଦୁର୍ଭାବ ସହରରେ ବଢ଼ିବାରେ ଲାଗିଛି ।

ସୂଚନା ଅନୁସାରେ, ବେଆଇନ ଭାବେ ପୋଷ୍ଟର, ବ୍ୟାନର୍ ଓ ହୋଡିଂ ଲଗାଇଲେ ମୋଟା ଅଙ୍କର ଜରିମାନା ଓ ଥାନାର ଏତଲା ଦେବା ପାଇଁ ଚେତାବନୀ ଦେଇଥିଲା ବିଏମ୍‌ସି । ଏମିତିକି କିଛି ସଂସ୍ଥା ଓ ଘର ମାଲିକଙ୍କ ବିରୋଧରେ ଦୁଇମାସ ତଳେ ଏଭଳି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା । ହେଲେ ବିଏମ୍‌ସିର ଏହି କାର୍ଯ୍ୟାନୁଷ୍ଠାନ କେବଳ କିଛି ନିର୍ଦ୍ଦିଷ୍ଟ ଅଞ୍ଚଳରେ ସୀମିତ ରହିଯାଇଛି । ସମଗ୍ର ଭୁବନେଶ୍ୱରରେ ୬୭ଟି ଯାକ ୱାର୍ଡରେ ବେଧଡ଼କ ଭାବେ ଏହି ପୋଷ୍ଟର୍ ବ୍ୟାନର୍ ଲାଗିଛି । ସତ୍ୟନଗର, ସହିଦନଗର, ସିଆରପି, ନୂଆପଲ୍ଲୀ, ଶିଶୁ ଭବନ ଛକ, ଏଜି ଛକ ଆଦି ସହରର ଏଭଳି କିଛି ପ୍ରମୁଖ ଅଞ୍ଚଳକୁ ବାଦ୍‌ଦେଲେ ବିଏମ୍‌ସି ଅନ୍ୟ ସ୍ଥାନ ଉପରେ ସାମାନ୍ୟତମ ଦୃଷ୍ଟି ଦେଉ ନ ଥିବା ଭଳି ମନେ ହେଉଛି । ଫଳରେ ମୋ ବସ୍ ଷ୍ଟପ୍, ସହର ଭିତରେ ଥିବା ଦୋକାନ ବଜାର, ଓଭରବ୍ରିଜ୍ ତଳ ଆଦି ବିଭିନ୍ନ ସ୍ଥାନରେ ଏହି ସବୁ ପୋଷ୍ଟର ବ୍ୟାନର୍ ଦେଖିବାକୁ ମିଳୁଛି । ବିଏମ୍‌ସିର ପ୍ରତି ୱାର୍ଡ ଦାୟିତ୍ୱରେ ୱାର୍ଡ ଅଫିସର୍ ଅଛନ୍ତି, ୱାର୍ଡର ସ୍ୱଚ୍ଛତାକୁ ଜଗିବାକୁ ସାନିଟାରୀ ଇନ୍‌ସପେକ୍ଟର ଅଛନ୍ତି । ହେଲେ ଏତେ ସବୁ ବ୍ୟବସ୍ଥା ସତ୍ତ୍ୱେ ବିଏମ୍‌ସି ଆଖିରୁ ଏହି ସବୁ ସଂସ୍ଥା କେମିତି ଖସି ଯାଉଛନ୍ତି ।




କାଳେବେଳେ ବିଏମ୍‌ସି ଫାଇନ୍ କରିଦେଇ କେମିତି ଚୁପ୍ ବସି ଯାଉଛି । ତେଣୁ ଏହା ଉପରେ ଆବଶ୍ୟକ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି କରାଯାଉଛି ।

# କାର୍‌ଗିଲ ପଡ଼ିଆରେ ମହିଳା ସମାବେଶ



**ଭୁବନେଶ୍ୱର, ୨୫ ।୨(ସମିସ):** ଏକାମ୍ର ନିର୍ବାଚନ ମଣ୍ଡଳୀ କାର୍‌ଗିଲ ପଡ଼ିଆରେ ବିଜୁ ମହିଳା ଜନତା ଦଳ ପକ୍ଷରୁ ବିଶାଳ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଅଛି । ଏହି ସମାବେଶକୁ ବିଜ୍ଞାନ ଓ କାରିଗରୀ କୌଶଳ, ସାଧାରଣ ଉଦ୍ୟୋଗ ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉଦଘାଟନ୍ କରିଥିଲେ । ତାଙ୍କ ସହ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ, କୋଠାବାଡ଼ି ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧକ୍ଷା ଶ୍ରୀମୟୀ ମିଶ୍ର, ଡେପୁଟି ମେୟର ମଞ୍ଜୁଲତା କହଁର, ମିଶନ ଶକ୍ତି ଉପଦେଷ୍ଟା ଲୋପାମୁଦ୍ରା ବକ୍ସିପାତ୍ର, ଗୀତା ବସ୍ତିଆ, ସମାଜସେବୀ କସ୍ତୁରୀ ମହାପାତ୍ର, ଭୁବନେଶ୍ୱର ମହିଳା ସଭାପତି ବିଜୟଲକ୍ଷ୍ମୀ ମହାପାତ୍ର, ଏକାମ୍ର ସଭାପତି ମହାମାୟା ସ୍ୱାଇଁ, ସ୍ଥାନୀୟ କର୍ପୋରେଟର ଚାରୁଲତା ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳାମାନଙ୍କୁ ମିଶନ ଶକ୍ତି ହେଉ ଅବା ରାଜନୀତି କ୍ଷେତ୍ର ହେଉ ସଦାସର୍ବଦା ସବୁ କ୍ଷେତ୍ରରେ ଅଗ୍ରାଧିକାର ଦେଇ ଆସିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ପଣ୍ଡା ମତପ୍ରକାଶ କରିଥିଲେ । ଏହି ଅବସରରେ ସ୍ୱୟଂ ସହାୟିକା ଗୋଷ୍ଠୀର ସଭାପତି, ସମ୍ପାଦିକାମାନଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ସମାବେଶରେ ପ୍ରାୟ ୮ ହଜାରରୁ ଉର୍ଦ୍ଧ୍ୱ ମହିଳାମାନେ ଉପସ୍ଥିତ ଥିଲେ । ଏକାମ୍ର ନିର୍ବାଚନ ମଣ୍ଡଳୀର ସମସ୍ତ କର୍ପୋରେଟର, ସରପଞ୍ଚ, ସମିତିସଭ୍ୟ, ପୂର୍ବତନ କର୍ପୋରେଟର, ପୂର୍ବତନ ସରପଞ୍ଚ, ସମିତି ସଭ୍ୟ, ସମସ୍ତ ସ୍ୱୟଂ ସହାୟିକା ଗୋଷ୍ଠୀର ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

ଜୀବନର କେତେ ରଙ୍ଗ

# ମୂର୍ତ୍ତି କାରିଗରୀରୁ ମୁହଁ ଫେରାଉଛନ୍ତି ଯୁବପିଢ଼ି

**ଭୁବନେଶ୍ୱର, ୨୫।୨(ସମିସ):** ମାଟି ମଣିଷର ସମ୍ପର୍କ ଆଦିମ । ତା'ରି ହାତ ପାଆନ୍ତାରେ ସେ ଚାହୁଁଥିବା ସବୁ କିଛି ସେଇ ମାଟି ଉପରେ ଥାଇ ଗଢ଼େ, ଭାଙ୍ଗେ ଆଉ ସାଇତି ରଖେ । ମାଟିରେ ପାଦ ଥୋଇ ସେ ଯାହା ପାଇଁ କରେ ପ୍ରାର୍ଥନା, ଯାହା ପାଖରେ ବାନ୍ଧେ ମାନସିକର ଡୋରୀ, ସେ ଭୁଲିଯାଇଥାଏ ତା'କୁ ବି ସେ ଗଢ଼ିଛି । ମାଟି ଦେହରେ ଜୀବନ ଫୁଙ୍କି ସେ ଜଡ଼କୁ ଦିଏ ଚେତନା । କିଏ କହେ କାରିଗର । ସେଥିରୁ ଖୋଜେ ଜୀବନ, ଜୀବିକା । ଏହି ଜୀବିକାରେ ନିଜ ୪୦ ବର୍ଷ ସମର୍ପି ଦେଇଥିବା ମଣିଷଟି ହେଉଛନ୍ତି ପୁରୁଣା ଭୁବନେଶ୍ୱରର ଅରୁଣ କୁମାର ମହାପାତ୍ର । ଏବେ ବି ସେ ଏହି ଜୀବିକାକୁ ନିଜ ଭିତରେ ସୀମିତ ନ ରଖି ଆହୁରି କାରିଗରଙ୍କୁ ନିଜ ସହ ଯୋଡ଼ିଲେଣି । ପାଖାପାଖି ୪୦ ଜଣ କାରିଗର ଏବେ ତାଙ୍କ ସହ କାମ କରୁଛନ୍ତି । ଅରୁଣ ସାହୁ କୁହନ୍ତି ସେ ପିଲା ଦିନରୁ ତାଙ୍କ ବାପାଙ୍କୁ ମୂର୍ତ୍ତି ଗଢ଼ିବା ଦେଖି ଶିଖିଛନ୍ତି । ହେଲେ ବର୍ତ୍ତମାନର ପିଢ଼ି ଆଗ ପରି ଏହି କାରିଗରୀ ପ୍ରତି ଇଚ୍ଛୁକ ନୁହନ୍ତି । ଏଥିରେ ପରିଶ୍ରମ ଅଧିକ ହେବା ସହ ଧୀରେ ଧୀରେ ପ୍ରତିଯୋଗିତା ବଢ଼ିଲାଣି ସେଥିପାଇଁ ଆଉ ନୂଆପିଢ଼ିର କାରିଗର ଯାହା ପିଢ଼ି ପରେ ପିଢ଼ି କରି ଆସୁଥିଲେ ତାହା ଆଉ ଭବିଷ୍ୟତରେ ଦେଖିବାକୁ ମିଳିବନି । ଏହି ଜୀବିକାକୁ ନେଇ ସେ ଆଉ ମଧ କୁହନ୍ତି ପୂଜା ପର୍ବରେ ପରିବାର ଚଳେ, ହେଲେ ଅନ୍ୟ ସମୟରେ ରୋଜଗାରର ଅନ୍ୟ ବାଟ ଖୋଜିବାକୁ ପଡ଼େ । ସେଥିପାଇଁ ଅନ୍ୟ କାରିଗରମାନେ ଭିନ୍ନ ଭିନ୍ନ ବାଟରେ ରୋଜଗାର କରି ପରିବାର ପୋଷୁଛନ୍ତି । ମାଟି ଓ ନଡ଼ାର କିଣା ମୂଲ୍ୟ ବଢ଼ିବା ସହ ଏପଟେ ବିକ୍ରି କମିବାରୁ ପରିବାର ପରିବାର ପୋଷିବା କଷ୍ଟକର ହୋଇ ପଡୁଛି ବୋଲି ତାଙ୍କ ପରି ଅନ୍ୟତମ କାରିଗର ପ୍ରଭାତ କୁମାର ମୁଦୁଲି କୁହନ୍ତି । ଦୀର୍ଘ ୧୫ କି ୨୦ ବର୍ଷ ହେଲାଣି ଓଡ଼ିଶାରେ ଓଡ଼ିଶା ଅପେକ୍ଷା ଅନ୍ୟ ରାଜ୍ୟ ତଥା



କୋଲକାତାର କାରିଗର ବେଶୀ ଦେଖିବାକୁ ମିଳୁଛନ୍ତି । ବର୍ତ୍ତମାନ ସମୟରେ ତାହା ଏତେ ବଢ଼ି ଗଲାଣି ଯେ ରାଜଧାନୀରେ କୌଣସି ପୂଜା ସମୟରେ ଓଡ଼ିଶା ମୂର୍ତ୍ତି ଓ କାରିଗରଙ୍କ ଅପେକ୍ଷା ରାସ୍ତା କଡ଼ରେ କୋଲକାତା ମୂର୍ତ୍ତି ଓ ପୂଜା ମଣ୍ଡପରେ କୋଲକାତା କାରିଗରଙ୍କ ସଂଖ୍ୟା ଅଧିକ ପରିଲକ୍ଷିତ ହେଉଛି । ଲୋକଙ୍କ କହିବା ଅନୁଯାୟୀ କୋଲକାତା କାରିଗର ଓ ତାଙ୍କ ମୂର୍ତ୍ତି ବେଶୀ ଫ୍ୟାନସି ଆସୁଛି ସେଥିପାଇଁ ତାହା ଅଧିକ ଆକର୍ଷଣୀୟ ଲାଗୁଛି । କିନ୍ତୁ ସେଥିରେ ଯେଉଁ ରଙ୍ଗ ମିଶୁଛି ଏବଂ ଯେଉଁଥିରେ ତିଆରି ହେଉଛି ତାହା ପ୍ରକୃତି ପ୍ରତି ହାନିକାରକ । ହେଲେ ଓଡ଼ିଶାରେ ନିର୍ମିତ ମାଟି ମୂର୍ତ୍ତି ଓ ରଙ୍ଗ ପ୍ରାକୃତିକ ହେଲେ ବି ଲୋକ ତାହା ବୁଝି ପାରୁନାହାନ୍ତି ବୋଲି କହିଛନ୍ତି କାରିଗର ଅରୁଣ ।

# ଦ୍ୱିତୀୟ ମୀରା ଫେଷ୍ଟିଭାଲ୍ ଅଫ୍ ଡାନ୍ସେସ୍ ଉଦ୍‌ଯାପିତ

**ଭୁବନେଶ୍ୱର, ୨୫।୨(ସମିସ):** ଶାସ୍ତ୍ରୀୟ ନୃତ୍ୟାନୁଷ୍ଠାନ 'ନୃତ୍ୟାୟନ' ଆନୁକୂଲ୍ୟରେ ଦୁଇ ଦିନ ବ୍ୟାପୀ ରବୀନ୍ଦ୍ର ମଣ୍ଡପଠାରେ ଦ୍ୱିତୀୟ ମୀରା ଫେଷ୍ଟିଭାଲ ଅଫ ଡାନ୍ସେସ ଆୟୋଜନ ହୋଇଥିଲା । ଉଦ୍‌ଯାପନୀ ସନ୍ଧ୍ୟାରେ ଡଃ. ସୁବାସ ପାଣି, ପୂର୍ବତନ ମୁଖ୍ୟ ସଚିବ ଓଡ଼ିଶା, ମାଧ୍ୟମିକ ଶିକ୍ଷାର ନିର୍ଦ୍ଦେଶକ ସୁଶାନ୍ତ କୁମାର ଦାଶ, ଓଡ଼ିଶା ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲ୍ଲୀପ ରାଉତରାୟ ଏବଂ ଓଡ଼ିଶୀ ନୃତ୍ୟ ଗୁରୁ ପଦ୍ମଶ୍ରୀ ଆୱାର୍ଡି ତଥା ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଭାପତି ଅରୁଣା ମହାନ୍ତି ଉପସ୍ଥିତ ଥିଲେ । କାନାଡ଼ାରୁ ଆସିଥିବା ଶିଳ୍ପୀ ରଞ୍ଜିତା ମଲ୍ଲିକ ଏବଂ ଭୁବନେଶ୍ୱରର ରାଜଶ୍ରୀ ଚିନ୍ତକ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ । ସେହିପରି ଉଦଯାପନୀ ସନ୍ଧ୍ୟାରେ ଦିଲ୍ଲୀରୁ ନିମନ୍ତ୍ରିତ ହୋଇଥିବା ଓଡ଼ିଶୀ ନୃତ୍ୟ ଗୁରୁ ପଦ୍ମଶ୍ରୀ ଆୱାର୍ଡି ନୃତ୍ୟ ବିଦୂଷି କିରନ ସେଗଲଙ୍କୁ 'ଗୁରୁଶ୍ରୀ ଦୁର୍ଗା ଚରଣ ରଣବୀର ଜୀବନବ୍ୟାପୀ ସାଧନା' ସମ୍ମାନରେ ସମ୍ମାନୀତ କରାଯାଇଥିଲା । କିରନ ସେଗଲ ପଦ୍ମ ବିଭୂଷଣ ଶ୍ରୀମତୀ ଜୋହରା ସେଗଲଙ୍କ କନ୍ୟା । 'ଗୁରୁଶ୍ରୀ ଦୁର୍ଗା ଚରଣ ରଣବୀର ଯୁବ ସମ୍ମାନ' ରେ ବରୋଦାରୁ ଆସିଥିବା ବିଶିଷ୍ଟ ଭାରତନାଟ୍ୟମ ନୃତ୍ୟଙ୍ଗନା ଅରୂପା ଲାହିରୀଙ୍କୁ ସମ୍ମାନିତ କରାଯାଇଥିଲା ।



# ଯକ୍ଷ୍ମା ଆକ୍ରାନ୍ତଙ୍କୁ ସାହସ ଦେଉଛନ୍ତି ଶାନ୍ତିଲତା

**ଭୁବନେଶ୍ୱର, ୨୫।୨(ସମିସ):** ଦିନେ ସେ ଯକ୍ଷ୍ମା ରୋଗରେ ଆକ୍ରାନ୍ତ ହୋଇ ସାମାଜିକ କଟକଣାର ସାମ୍ନା କରିଥିଲେ । କିନ୍ତୁ ଏବେ ରୋଗମୁକ୍ତ ହୋଇ ଘର ଘର ବୁଲି ସଚେତନ କରୁଛନ୍ତି ଭୁବନେଶ୍ୱର ଭରତପୁର ଅଞ୍ଚଳର

**ରୋଗମୁକ୍ତ ପରେ କରାଉଛନ୍ତି ସଚେତନତା**

ଶାନ୍ତିଲତା । ମାତ୍ର ୨୨ ବର୍ଷ ବୟସରେ ସେ ଯକ୍ଷ୍ମା ରୋଗରେ ଆକ୍ରାନ୍ତ ହୋଇଥିବାବେଳେ ଡାକ୍ତରଙ୍କ ପରାମର୍ଶ ମାନି କିଭଳି ସେ ସୁସ୍ଥ ହୋଇପାରିଛନ୍ତି ତାହା ଲୋକଙ୍କୁ ବୁଝାଉଛନ୍ତି । ଶାନ୍ତିଲତା ଗତ ୨୦୨୧ ମସିହାରେ ସେ ଯକ୍ଷ୍ମା ରୋଗରେ ଆକ୍ରାନ୍ତ ହୋଇଥିଲେ । କିନ୍ତୁ ସେ ନିଜ ରୋଗ ବିଷୟରେ ନଲୁଚାଇ ପରିବାରବର୍ଗଙ୍କୁ ଜଣାଇଥିଲେ ଏବଂ ଉପଯୁକ୍ତ ଚିକିତ୍ସା ପରେ ଆରୋଗ୍ୟଲାଭ କରିଛନ୍ତି । ବିଶେଷ କରି ଡୁମଡୁମା, ଖଣ୍ଡଗିରି, ଭରତପୁର ଆଦି ଅଞ୍ଚଳରେ ରହିଥିବା ବସ୍ତି ଅଞ୍ଚଳରେ ଲୋକଙ୍କୁ ଭେଟି ସାହସ ଦେବା ସହ ସଚେତନ କରୁଛନ୍ତି । ବିଭିନ୍ନ ବସ୍ତିରେ ଏସଏଚ୍‌ଜି ମହିଳା ଓ ଅଙ୍ଗନବାଡ଼ି କର୍ମୀଙ୍କୁ ଯୋଗାଯୋଗ କରି ସେଠାରେ ସଚେତନତା ଶିବିର ଆୟୋଜନ କରିବା ସହ ଲୋକମାନଙ୍କ କଫ ପରୀକ୍ଷା କରାଇ ଯଦି ପଜିଟିଭ୍ ଆସେ ତୁରନ୍ତ କିଭଳି ସରକାରୀ ସୁବିଧା ଓ ମାଗଣା ଔଷଧ ପାଇପାରିବେ ସେ ବ୍ୟବସ୍ଥା କରାଇଥାନ୍ତି । ତେବେ ସେ ରୋଗମୁକ୍ତ ହେବା ପରେ ସ୍ୱଇଚ୍ଛାରେ ଏଭଳି କାର୍ଯ୍ୟ କରିବା ପରେ କ୍ୟାପିଟାଲ ହସ୍ପିଟାଲ ସହ ଏକାଠି କାମ କରୁଥିବା ରିଚ୍ ସହ ଯୋଡ଼ି ହୋଇ କାମ କରୁଛନ୍ତି । ଶାନ୍ତିଲତା ଗ୍ରାଜୁଏସନ୍ ସାରି ଏବେ ଲୋକଙ୍କୁ ଯକ୍ଷ୍ମା ଉପରେ ସଚେତନ କରୁଛନ୍ତି ।



# ପରିବେଶ ସୁରକ୍ଷା ଅଭିଯାନର ସାଧାରଣ ପରିଷଦ ବୈଠକ




**ଭୁବନେଶ୍ୱର,୨୫।୨(ସମିସ):** ପରିବେଶର ସୁରକ୍ଷା ଦିଗରେ କାର୍ଯ୍ୟ କରୁଥିବା ରାଜ୍ୟସ୍ତରୀୟ ଅନୁଷ୍ଠାନ 'ପରିବେଶ ସୁରକ୍ଷା ଅଭିଯାନ'ର ବାର୍ଷିକସାଧାରଣପରିଷଦବୈଠକରବିବାରଅନୁଷ୍ଠିତହୋଇଯାଇଛି । ଏହି ଅବସରରେ ନୂତନ କର୍ମକର୍ତ୍ତା ମନୋନୀତ ହୋଇଛନ୍ତି । ସ୍ଥାନୀୟ ସେଣ୍ଟ ଜନ୍ ଆମ୍ବୁଲାନ୍ସ ପ୍ରେକ୍ଷାଳୟରେ ଅନୁଷ୍ଠାନର ସଭାପତି ଡକ୍ଟର ପ୍ରଦୀପ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସାଧାରଣ ସମ୍ପାଦକ ରଘୁନାଥ ପୃଷ୍ଟି ବାର୍ଷିକ ବିବରଣୀ ଉପସ୍ଥାପନ କରିଥିବା ବେଳେ କୋଷାଧକ୍ଷ ନମିତା ମହାପାତ୍ର ବାର୍ଷିକ ଆୟ ବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ । ବୈଠକରେ କାର୍ଯ୍ୟକାରୀ କମିଟି ସଦସ୍ୟ ଦିଲୀପ ମିଶ୍ର ଏବଂ ଆଜୀବନ ସଦସ୍ୟ ହିମାଂଶୁ ପତି, ଅମିତା କୁମାରୀ ମିଶ୍ର, ନରେନ୍ଦ୍ର ବେହେରାଙ୍କ ସମେତ ଅନ୍ୟମାନେ ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା କରିଥିଲେ । ଶେଷରେ ନୂତନ କର୍ମକର୍ତ୍ତା ମନୋନୀତ ହୋଇ ଦାୟିତ୍ୱ ଗ୍ରହଣ କରିଥିଲେ । ଡକ୍ଟର ପ୍ରଦୀପ ରଥ, ରଘୁନାଥ ପୃଷ୍ଟି ଏବଂ ନମିତା ମହାପାତ୍ର ନିଜର ପଦବୀ ବଜାୟ ରଖିଥିବା ବେଳେ ନୂତନ ଭାବେ ଡକ୍ଟର କଲ୍ୟାଣୀ ମହାନ୍ତି ଉପସଭାପତି, ଡକ୍ଟର ନାରାୟଣ ତ୍ରିପାଠୀ ଯୁଗ୍ମ ସମ୍ପାଦକ ତଥା ଦେବୀ ପ୍ରସନ୍ନ ମହାନ୍ତି ଓ ରାଜେନ୍ଦ୍ର କୁମାର ଦାଶ କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ମନୋନୀତ ହୋଇ ଦାୟିତ୍ୱ ଗ୍ରହଣ କରିଥିଲେ । ଯୁଗ୍ମ ସମ୍ପାଦକ ଡକ୍ଟର ନାରାୟଣ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

# କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସ୍ମୃତି ସଭା ଉଦ୍‌ଘାଟିତ

**ଭୁବନେଶ୍ୱର, ୨୫।୨(ସମିସ):** କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସ୍ମୃତି ସଭାର ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ଼.ହୃଷୀକେଶ ମଲ୍ଲିକ ଓଡ଼ିଶା ସାହିତ୍ୟର ଅନନ୍ୟ ବିଦ୍ଧାଣି କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ସାହିତ୍ୟ କୃତିର ଓଡ଼ିଆ ଭାଷାକୁ ଅବଦାନ ପାଇଁ ଓଡ଼ିଆ ଜାତି ସଦା ସର୍ବଦା କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ପାଖରେ ନିଜର ଭକ୍ତି ନିବେଦନ କରୁଥିବ ବୋଲି ମତ ରଖିଥିଲେ । ଓଡ଼ିଶା ସାହିତ୍ୟ ଏକାଡେମୀ ଓ କଳିଙ୍ଗ ଭାରତୀ, ଉତ୍କଳ ଛାତ୍ର ସାହିତ୍ୟ ସମାଜର ମିଳିତ ସହଯୋଗରେ ସ୍ଥାନୀୟ ବୁଦ୍ଧ ମନ୍ଦିର ପରିସରରେ ଏହି ସଭା ଅନୁଷ୍ଠିତ ହୋଇଯାଇଛି । ସଭାରେ ମୁଖ୍ୟ ଅତିଥିଭାବେ କଳିଙ୍ଗ ଭାରତୀର ସଭାପତି ଡା. ଶୈଳେଶ୍ୱର ନନ୍ଦ ଯୋଗଦେଇ ଭଞ୍ଜ-ସାହିତ୍ୟରେ ପ୍ରେମର ବିଭିନ୍ନ ଦିଗ



ଉପରେ ଆଲୋଚନା କରିଥିଲେ । ମୁଖ୍ୟବକ୍ତା ଭାବେ ଡ଼ ବାଉରୀବନ୍ଧୁ ସାହୁ ଯୋଗଦେଇ କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଓଡ଼ିଆ ସାହିତ୍ୟ ଓ ଭାଷା ଭଣ୍ଡାରକୁ ଥିବା ଅନନ୍ୟ ଶବ୍ଦାବଳୀ ସବୁ ବାଖ୍ୟାନ କରିବା ସହ ଭଞ୍ଜ ସାହିତ୍ୟ କୁ ଏକ ସମ୍ପୂର୍ଣ୍ଣ ସାହିତ୍ୟ ବୋଲି ପ୍ରମାଣିତ କରିଥିଲେ । ବରିଷ୍ଠ ସଙ୍ଗୀତଜ୍ଞ ଗୁରୁ କେଶବ ଚନ୍ଦ୍ର ରାଉତ ଓ କୁମାରୀ ସୁନିତା ବିଶ୍ୱାଳ ଭଞ୍ଜ ସଙ୍ଗୀତ ପରିବେଷଣ କରିଥିବା । ଶେଷରେ କଳିଙ୍ଗ ଭାରତୀ ସମ୍ପାଦକ ଡ଼.ଅଂଶୁମାନ କର ଧନ୍ୟବାଦ ଅର୍ପଣ କରିଥିଲେ ।

ରାଜଧାନୀ ରାସ୍ତାଘାଟ...

# ଗ୍ରାହକଙ୍କୁ ଡାକୁଛି ଡ୍ରାଗନ୍ ଫ୍ରୁଟ୍, ତାଇୱାନ୍ ତରଭୁଜ

ଭୁବନେଶ୍ୱର, ୨୫।୨(ସମିସ):

ଏବେ ଓଡ଼ିଶା ବଜାରରେ ଦେଖିବାକୁ ମିଳୁଛି ବିଭିନ୍ନ ପ୍ରକାରର ବିଦେଶୀ ଫଳ । ରାଜଧାନୀର ବିଭିନ୍ନ ବଜାରରେ ବିକ୍ରି ହେଉଛି ବିଦେଶୀ ଫଳ । ଦାମ୍ ଅଧିକ ହେଲେ ମଧ ଗ୍ରାହକ କିଣିବାକୁ ପଛାଉନାହାନ୍ତି । ସେଥିମଧ୍ୟରେ ଷ୍ଟ୍ରବେରୀ କେଜି ପିଛା ୧୫୦ଟଙ୍କା, ଡ୍ରାଗନ୍ ଫ୍ରୁଟ୍ କେଜି ୨୫୦, ଆଭୋକାଡୋ କେଜି ପିଛା ଦର ୧୨୦୦ ଟଙ୍କା

## ଏବେ ଓଡ଼ିଶାରେ ଚାଷ, ଓଡ଼ିଶାରେ ବିକ୍ରି

ରହିଥିବାବେଳେ ପିଚେସ୍, ଚେରି କେଜି ୨୫୦୦, ତାଇୱାନର ହଳଦିଆ ତରଭୁଜ, ବ୍ଲୁ ବେରୀ କେଜି ୩୫୦୦, କିୱି, ପର୍ସିବନ ୪୫୦ ଟଙ୍କା କେଜି, ମେଣ୍ଡୱିନ ୩୦୦ ଟଙ୍କା କେଜି ଦରରେ ବିକ୍ରି ହେଉଛି । ଏହି ସବୁ ବିଦେଶୀ ଫଳ ଓଡ଼ିଶାରେ ମିଳୁଥିବାବେଳେ




ବ୍ଲୁ ବେରୀ ସବୁଠୁ ଅଧିକା ଦାମ ୩୫୦୦ ରହୁଥିବାବେଳେ ଷ୍ଟ୍ରବେରୀ ୧୫୦ ଟଙ୍କା ରହୁଛି । ବର୍ତ୍ତମାନ ଏହି ମଧ୍ୟରୁ କିଛି ଫଳ ଓଡ଼ିଶାରେ ହିଁ ଚାଷ କରିବା ଆରମ୍ଭ ହେଲାଣି । ଓଡ଼ିଶାରେ ଚାଷ କରାଯିବା କାରଣରୁ ଏହାର ମୂଲ୍ୟ ବାହାର ଦେଶ ବା ରାଜ୍ୟରୁ ଯେଉଁସବୁ ଫଳ ଆସୁଛି ତା'ର ଦାମଠୁ ଅପେକ୍ଷାକୃତ କମ୍ ରହୁଛି । ଏବେ ହଳଦୀ ପରେ 'କନ୍ଧମାଳ ଷ୍ଟ୍ରବେରି'ର ଚାହିଦା ବଢ଼ିବାରେ ଲାଗିଛି । ପୂର୍ବରୁ ଲୋକ ଅନ୍ୟ ରାଜ୍ୟ ତଥା ଦିଲ୍ଲୀରୁ ଆସୁଥିବା ଷ୍ଟ୍ରବେରୀ ବେଶୀ କିଣୁଥିଲେ କାରଣ ଓଡ଼ିଶାରେ ଏହାର ଚାଷ ପ୍ରାୟତଃ କେହି କରୁ ନ ଥିଲେ । କନ୍ଧମାଳରୁ ଏବେ ବିଭିନ୍ନ ସ୍ଥାନକୁ ଷ୍ଟ୍ରବେରି ଚାଷ ହୋଇ ବଜାରରେ ବିକ୍ରି ପାଇଁ ପଠାଯାଉଛି । ସେହିପରି ରାଜଧାନୀରେ ମଧ ଏହି ଷ୍ଟ୍ରବେରି ବିକ୍ରି ହେବାର ଦେଖିବାକୁ ମିଳିଛି । ଏହା ବ୍ୟତୀତ ମାଲକାନଗିରି, କନ୍ଧମାଳ ଏବଂ ଜଗତସିଂହପୁରରେ ମଧ ଡ୍ରାଗନ୍ ଫଳ ଚାଷ କରାଯାଉଛି । ଏହି ଫଳର ଦାମ ବଜାରରେ ସବୁଠାରୁ ବେଶୀ ରହିଥିବାରୁ ଏହାକୁ ଓଡ଼ିଶାରେ ଚାଷ କରିବା ଆରମ୍ଭ କରିଛନ୍ତି ଚାଷୀ । ଯାହାର ମୂଲ୍ୟ କିଲୋ ପ୍ରତି ୧୫୦ରୁ ୨୦୦ ଟଙ୍କା ମଧ୍ୟରେ ରହିଛି । ସେହିପରି ତାଇୱାନରୁ ଆସୁଥିବା ହଳଦିଆ ତରଭୁଜ ମଧ ଏବେ ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକରେ ଚାଷ କରାଯାଉଛି । ଓଡ଼ିଶାରେ ଏହି ସବୁ ଫଳ ଚାଷ ହେବା କାରଣରୁ ବଜାରରେ ତା'ର ମୂଲ୍ୟ କମ୍ ଏବଂ ଚାହିଦା ଅଧିକ ରହୁଛି । ଓଡ଼ିଶା ବାହାରୁ ଆସୁଥିବା ଫଳ ଅପେକ୍ଷା ଓଡ଼ିଶା ଫଳ ବେଶୀ ଦିନ ରହିବା ସହ ପାଟିକୁ ମଧ ସୁଆଦିଆ ଲାଗୁଛି । ତେଣୁ ଏହାର ଚାହିଦା ରାଜଧାନୀରେ ଅଧିକ ରହୁଛି ।

